● ବୁଗୁଡ଼ାରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁଲା

# ଗରମ ଓ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ଜନଜୀବନ

ବୁଗୁଡ଼ା, ୬।୪(ସମିସ)



ସମ୍ପ୍ରତି ବୁଗୁଡ଼ା ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ ଲାଗି ରହିଥିବା ଫଳରେ ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳି ଅନୁଭୂତ ହେଉଛି। ଅନ୍ୟପକ୍ଷରେ ଅଞ୍ଚଳରେ ପ୍ରସିଦ୍ଧ ଦଣ୍ଡଯାତ୍ରା ଚାଲିଥିବାରୁ ଗାଁଠାରୁ ସହର ଉତ୍ସବ ମୁଖର ହୋଇ ଉଠିଛି। ଘରେ ଘରେ ବନ୍ଧୁବାନ୍ଧବ ଓ ସମ୍ପର୍କୀୟଙ୍କ ଭିଡ଼ଲାଗି ରହିଛି। ଏଭଳି ସ୍ଥିତିରେ ଦିନରେ ପ୍ରଚଣ୍ଡ ରୌଦ୍ରତାପ ଓ ରାତିରେ ତାତି ବଢ଼ିବା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବୁଗୁଡ଼ା ସହର ସମେତ ଆଖପାଖ ଅଞ୍ଚଳରେ ଶନିବାର ତାପମାତ୍ରା ୪୦ ଡିଗ୍ରୀ ଉପରେ ଥିବା ଜଣାପଡ଼ିଛି। ଲୋକମାନେ ବାଧହୋଇ ନିଜର ଜରୁରୀ କାମରେ ଘରୁ ବାହାରକୁ ବାହାରୁଛନ୍ତି। ଦିନ ୧୨ଟା ବେଳକୁ ରାସ୍ତାଘାଟରେ ଯାନବାହନ ଓ ଲୋକଙ୍କ ଚଳାଚଳ ବହୁତ ପ୍ରଭାବିତ ହେଉଛି। ବାହାରେ ହେଉ କି ଘରେ ଗରମ ଯୋଗୁଁ ରହିବା ମୁସ୍କିଲ ହୋଇ ପଡ଼ିଛି। ରାତିରେ ମଧ୍ୟ ଘରର କାନ୍ଥବାଡ଼ ଓ ଚଟାଣ ଗରମ ହୋଇ ରହୁଥିବାରୁ ଶୋଇବା କଷ୍ଟକର ହୋଇ ପଡୁଥିବା ବେଳେ ବିଦ୍ୟୁତର ଲୁଚକାଳି ଖେଳ ଲୋକଙ୍କ ପାଇଁ କାଳ ସାଜିଛି। ଦିନରେ ସମସ୍ତେ ଛତା, ଟୋପି, ଗାମୁଛା ଓ କଳା ଚଷମା ବ୍ୟବହାର ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ସେହିପରି ଖରା ଯୋଗୁଁ ଜୁସ, ଲସି, ସରବତ, ଆଖୁ ରସ, ମୃଦୁପାନୀୟ ଓ ପାଣି ବୋତଲ ଦୋକାନରେ ମଧ୍ୟ ଲୋକଙ୍କ ଭିଡ଼ ଲାଗି ରହୁଛି। ପଙ୍ଖା, କୁଲର ଓ ଏସିର ଚାହିଦା ମଧ୍ୟ ବଢ଼ିଛି। ଏହି ଗରମରୁ ସାମାନ୍ୟ ଆସ୍ୱସ୍ତି ପାଇବା ପାଇଁ ଛୋଟପିଲାଙ୍କଠାରୁ ଆରମ୍ଭ କରି ବୟସ୍କମାନେ ମଧ୍ୟ ପବନ ଟିକେ ପାଇବା ପାଇଁ ସନ୍ଧ୍ୟା ହେଲେ ବାହାରେ ଖୋଲା ଜାଗାରେ ବୁଲୁଥିବା ଦେଖିବାକୁ ମିଳୁଛି।

ବିଜେପି ପ୍ରତିଷ୍ଠା ଦିବସରେ 'ରନ୍ ଫର୍ ମୋଦୀ' ପୋଷାକ



କର୍ମୀଙ୍କୁ ପିନ୍ଧାଇଲେ, ନେତା ନିଜେ ପିନ୍ଧିଲେନି

## ଯୁବକଙ୍କୁ ଛୁରି ଭୁସି ହତ୍ୟା

ଆସିକା, ୬।୪(ସମିସ): କୋଟିନଡା ଥାନା ଅନ୍ତର୍ଗତ ପଡାଳ ହରିଜନ ସାହିରେ ଘଟିଛି ଅଭାବନୀୟ ଘଟଣା। ଦୁଇ ପରିବାର ମଧ୍ୟରେ ଝଗଡ଼ାକୁ ଛଡାଇବାକୁ ଯାଇ ଶିକାର ହେଲେ ଧରାକୋଟ ତାଳ ପାଟଣା ଅଞ୍ଚଳର ୨୪ ବର୍ଷ ବର୍ଷୀୟ ଯୁବକ ରୁସି ନାୟକ। ସୂଚନା ରୁ ପ୍ରକାଶ ଯେ ଆଜି ଥିଲା ମହା ବାରୁଣୀ ବୁଡ଼। ବୁଡ଼ ପକାଇବା ନେଇ ତାଳ ପାଟଣା ଗାଁ ର ରୁସି ନାୟକ ନିଜ ସମ୍ପର୍କୀୟ ଘରକୁ ଆସିଥିବା ବେଳେ କୌଣସି କାରଣକୁ ନେଇ ଦୁଇ ସମ୍ପର୍କୀୟ ମଧ୍ୟରେ ଝଗଡା ଲାଗିଥିଲା। ଝଗଡା ଛଡାଇବାକୁ ଯାଇ ରୁସି ନାୟକକୁ ଛୁରୀ ଭୁସି ହତ୍ୟା କରାଯାଇଥିବା ଜଣାପଡିଛି। ଗୁରୁତର ରୁସିକୁ ସ୍ଥାନୀୟ ଲୋକେ ଆସିକା ମେଡିକାଲରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ କୋଟିନଟା ଥାନା ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଥିବା ଜଣା ପଡିଛି।

● କାଠ ଫାଳିଆରେ ପିଟି ହତ୍ୟା ଉଦ୍ୟମ

## ଅଭିଯୁକ୍ତ ଗିରଫ

ଦିଗପହଣ୍ଡି, ୬।୪(ସମିସ): ଦିଗପହଣ୍ଡି ପୁଲିସ ଶନିବାର ବଡ଼ଡୁମ୍ବୁଲା ଗ୍ରାମର ନରସିଂହ ଜାନିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଥାନା ମାମଲା ନଂ.୧୫୭/୨୪ ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗୁରୁବାର ସନ୍ଧ୍ୟାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅଭିଯୁକ୍ତ ନରସିଂହ ତାଙ୍କ ଗ୍ରାମର ଶିବାନନ୍ଦ ଜେନାଙ୍କୁ କାଠ ଫାଳିଆରେ ପିଟି ହତ୍ୟା ଉଦ୍ୟମ କରିଥିଲେ। ଶିବାନନ୍ଦ ଗ୍ରାମର ଏକ ପାନ ଦୋକାନ ନିକଟରେ ବସିଥିବା ବେଳେ ନରସିଂହ ଜାନି ସେଠାରେ ପହଞ୍ଚି ତାଙ୍କୁ ଗାଳିଗୁଲଜ କରିଥିଲେ। ଏହାର ପ୍ରତିବାଦ କରିବାରୁ ନରସିଂହ ଏକ କାଠ ଫାଳିଆରେ ଶିବାନନ୍ଦଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଗ୍ରାମବାସୀ ଶିବାନନ୍ଦଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ୟକେନ୍ଦ୍ରରେ ଭର୍ତ୍ତି କରିବା ପରେ ତାଙ୍କର ଚିକିତ୍ସା କରାଯାଇଥିଲା। ଚିକିତ୍ସିତ ହେବା ପରେ ଆହତ ଶିବାନନ୍ଦ ଥାନାରେ ଏତଲା ଦେଇଥିଲେ। ଏତଲା ଭିତ୍ତିରେ ଦିଗପହଣ୍ଡି ଆଇଆଇସି ବାବାଶଙ୍କର ସରାଫ ମାମଲା ରୁଜୁ କରି ଅଭିଯୁକ୍ତ ନରସିଂହକୁ ଗିରଫ କରିବା ସହ ଆକ୍ରମଣରେ ବ୍ୟବହୃତ କାଠ ଫାଳିଆକୁ ଜବତ ମଧ୍ୟ କରିଥିଲେ। ପୂର୍ବରୁ ନରସିଂହଙ୍କ ନାମରେ ଦିଗପହଣ୍ଡି ଥାନାରେ ଏକାଧିକ ମାମଲା ରହିଥିବା ପୁଲିସ ସୂତ୍ରରୁ ପ୍ରକାଶ।

## ଗଞ୍ଜାମ ଥାନା ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ



ଗଞ୍ଜାମ, ୬।୪(ସମିସ): ଆସନ୍ତା ମାସ ୧୩ ତାରିଖରେ ହେବାକୁ ଥିବା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଗଞ୍ଜାମ ଥାନା ପୁଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି। ଅବାଧ, ସ୍ୱଚ୍ଛ, ନିରପେକ୍ଷ ନିର୍ବାଚନ ପାଇଁ ଶନିବାର ଅପରାହ୍ନରେ ଗଞ୍ଜାମ ଥାନା ଅଧିକାରୀ ସୁମିତ୍ରା ପାତ୍ରଙ୍କ ନେତୃତ୍ୱରେ ଗଞ୍ଜାମ ଥାନା ଇଲାକା ଛତ୍ରପୁର ବ୍ଲକର ତେଲୁଗୁ ନୂଆଗାଁ, ଅଗସ୍ତି ନୂଆଗାଁ, ନୋଳିଆ ନୂଆଗାଁ, ଗଞ୍ଜାମ ସହର ବଡ଼ ବଜାର ଓ ସାନ ବଜାର, ଗଞ୍ଜାମ ବ୍ଲକର କରପଡ଼ା, ଅଲ୍ୟାବାଦ ପ୍ରମୁଖ ଗ୍ରାମ ମାନଙ୍କରେ ସଶସ୍ତ୍ର ବାହିନୀଙ୍କୁ ନେଇ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା। ଏହି ସମୟରେ ଏସ୍‌ଡିପିଓ ଗୌରହରି ସାହୁ ଉପସ୍ଥିତ ଥିଲେ। ନିର୍ବାଚନ ସମୟରେ ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ସମ୍ବେଦନଶୀଳ ଅଞ୍ଚଳ ମାନଙ୍କରେ ଫ୍ଲାଗ୍‌ମାର୍ଚ୍ଚ କରାଯାଉଥିବା ଲକ୍ଷ୍ୟ କରାଯାଉଛି।

## ଅନନ୍ତ କଣ୍ଟେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା

ଦିଗପହଣ୍ଡି, ୬।୪(ସମିସ): ଦିଗପହଣ୍ଡି ବ୍ଲକ କଇଠଡା ପଞ୍ଚାୟତ ଗୁଣ୍ଟପଡ଼ା ଗ୍ରାମସ୍ଥିତ ଅନନ୍ତ କଣ୍ଟେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଯାଇଛି। ପଣ୍ଡିତ ଶିବପ୍ରସାଦ ପଣ୍ଡାଙ୍କ ପୌରୋହିତ୍ୟରେ ଗ୍ରାମ ନିକଟସ୍ଥ କଣ୍ଟେଇକୋଳି ନଦୀରେ ପୂର୍ବ ପ୍ରଚଳିତ ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଗଙ୍ଗାମାତାଙ୍କୁ ଆବାହନ କରାଯାଇ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ୬ ଶହରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଜଳପୂର୍ଣ୍ଣ କଳସ ଧରି ଯଜ୍ଞ ମଣ୍ଡପକୁ ଜଳଯାତ୍ରା କରିଥିଲେ। ଗ୍ରାମର ଜଗନ୍ନାଥ ପଣ୍ଡା ଓ ତାଙ୍କ ସହଧର୍ମିଣୀ ଏବଂ ବିଭୂତି ଭୂଷଣ ପାତ୍ର ଓ ସୁଜ୍ଞାନୀ ପାତ୍ର କର୍ତ୍ତା ରୂପେ



ଅଂଶଗ୍ରହଣ କରିଥିବାବେଳେ ରବିବାରଠାରୁ ପ୍ରତିଷ୍ଠା ଉତ୍ସବ ଏବଂ ଚବିଶ ପ୍ରହର ନାମ ଯଜ୍ଞ, ଘୃତଯଜ୍ଞ, ଅନ୍ନଯଜ୍ଞ କାର୍ଯ୍ୟକ୍ରମ ରହିଛି। ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଦେବହରି ଗୌଡ଼, ମହାଯଜ୍ଞ ପରିଚାଳନା କମିଟି ସଦସ୍ୟ ବୁଦ୍ଧିଆ ପାତ୍ର, ମୁରଲୀ ପାତ୍ର, ପ୍ରଫୁଲ୍ଲ ପାତ୍ର, କୃଷ୍ଣଚନ୍ଦ୍ର ପାତ୍ର, ସନିଆ ପାତ୍ର, ପୂର୍ଣ୍ଣଚନ୍ଦ୍ର ପାତ୍ର, ଜଗନ୍ନାଥ ପାତ୍ରଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ଜାଲ ଷ୍ଟାମ୍ପ ପେପର୍ ବିକ୍ରି ଅଭିଯୋଗ

ଦାରିଙ୍ଗବାଡ଼ି, ୬।୪(ସମିସ): ଜାଲ ଷ୍ଟାମ୍ପ ପେପର ବିକ୍ରି କରାଯାଉଥିବା ନେଇ ଓକିଲ ସଂଘ ସମ୍ପାଦକ ଟିପୁସୁଲତାନ ନାୟକ ଅଭିଯୋଗ କରିଛନ୍ତି। ଦାରିଙ୍ଗବାଡ଼ି ତହସିଲରେ ଦଲିଲ ଲେଖକ ଭାବରେ କାମ କରୁଥିବା ଅରୁଣ କୁମାର ମିଶ୍ର ଜାଲ ଷ୍ଟାମ୍ପ ପେପର ବିକ୍ରି କରୁଥିବା ସେ ଅଭିଯୋଗ କରିଛନ୍ତି। ଜାଲ ଷ୍ଟାମ୍ପ ପେପରରେ ବ୍ରହ୍ମପୁର କେ. ଏମ୍ ପାଣିଗ୍ରାହୀ ନୋଟାରୀ ପବ୍ଲିକଙ୍କ ସିଲ୍ ଏବଂ ସିଗନେଚର ରହିଛି। କିଛି ଲେଖା ନ ଥାଇ ଜାଲିଆତି ଓ ଚଞ୍ଚକତା କରି ଗୋଟିଏ ପେପର ପିଛା ୧୫୦ ଟଙ୍କା ଲେଖାଏଁରେ ବିକ୍ରି କରାଯାଉଥିବା ଶ୍ରୀ ନାୟକ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରିବା ପାଇଁ ଥାନା ଅଧିକାରୀଙ୍କୁ ଦେଇଥିବା ଅଭିଯୋଗ ପତ୍ରରେ ସେ ଅନୁରୋଧ କରିଛନ୍ତି। ଏ ନେଇ ଦଲିଲ ଲେଖକ ଶ୍ରୀ ମିଶ୍ରଙ୍କୁ ଯୋଗାଯୋଗ କରାଯିବାରେ ଇର୍ଷାରେ ମୋ ନାମରେ ଅଭିଯୋଗ କରାଯାଇଛି। ଅଭିଯୋଗର କୌଣସି ସତ୍ୟସତ୍ୟ ନାହିଁ ବୋଲି କହିଛନ୍ତି। ଅଭିଯୋଗପତ୍ର ପ୍ରଦାନ ସମୟରେ ସଂଘ ସଭାପତି ରଞ୍ଜିତ ମନ୍ତ୍ରୀଙ୍କ ସମେତ ଓକିଲ ଉମେଶ କର, ମନୋଜ ପଣ୍ଡା, ଜ୍ୟୋତିସେନ ପରିଛା ଏବଂ ଇନ୍ଦ୍ରମଣି ପ୍ରଧାନ ଉପସ୍ଥିତ ଥିଲେ।

## ଗଞ୍ଜାମ ଜିଲ୍ଲା ସ୍କୁଲ ଲିଗ୍ କ୍ରିକେଟ

ବ୍ରହ୍ମପୁର, ୬।୪(ସମିସ): ଶନିବାର ବ୍ରହ୍ମପୁର ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଜିଲ୍ଲା ସ୍କୁଲ କ୍ରିକେଟ ଲିଗ୍ ଆରମ୍ଭ ହୋଇଛି। ପ୍ରଥମ ଦିନର ଖେଳ ଗଞ୍ଜାମ ଏ ଓ ଗଞ୍ଜାମ ବି ଦଳ ମଧ୍ୟରେ ହୋଇଥିଲା। ଗଞ୍ଜାମ ବି ଦଳ ପ୍ରଥମେ ବ୍ୟାଟିଂ କରି ୪ ୱିକେଟ ବିନିମୟରେ ୧୭୦ ରନ୍ କରିଥିଲା। ଦଳ ପକ୍ଷରୁ ସୁପ୍ରିତ ପାଢ଼ୀ ୯୬ ବଲରେ ୬୩ ରନ୍ ଏବଂ ସାଇ ପାଢ଼ୀ ୩୨ ବଲରେ ୨୪ ରନ୍ କରିଥିଲେ। ଜବାବରେ ଗଞ୍ଜାମ ଏ ଦଳ ୪୬ ରନ୍ କରି ଅଲଆଉଟ ହୋଇଯାଇଥିଲା। ଖେଳକୁ ଅମିତ ଦାସ ଓ ଅମ୍ବିକା ପାଣିଗ୍ରାହୀ ପରିଚାଳନା କରଥିଲେ। ଇ. ସନ୍ଦିପ କୁମାର ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଗଞ୍ଜାମ କ୍ରିକେଟ ସଂଘର ମଣିରଞ୍ଜନ ମହାନ୍ତି, ବିମଳ ମହାନ୍ତି, ଦେବବ୍ରତ ଦେବ ଓ ସମ୍ପାଦକ ଅଶୋକ ସାହୁ ଉପସ୍ଥିତ ଥିଲେ।

**AFFIDAVIT**

By virtue of an affidavit before Executive Magistrate, Bhubaneswar. I have changed my name from Rima Dhawan To Reema Diddee. Henceforth, I shall be known as **REEMA DIDDEE**, D/o- Late Madhusudan Lal Diddee resident of Flat No-401, 4th Floor, A-One Mansion, Plot No.129, K-3A Kalinga Nagar, Po-Ghatikia, Ps-Khandagiri, Bhubaneswar, Dist-Khorda, Odisha for all future purposes.

ବିଜେପିରେ ବଢୁଛି ଫାଟ

## ଇସ୍ତଫା ଦେଲେ ବରିଷ୍ଠ ନେତା କମଳାକାନ୍ତ ପାଣ୍ଡେ

ଫୁଲବାଣୀ, ୬।୪(ସମିସ): ଶନିବାର ବିଜେପିର ବରିଷ୍ଠ ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କମଳାକାନ୍ତ ପାଣ୍ଡେ ଦଳରୁ ଇସ୍ତଫା ଦେଇଥିବା ଜଣାପଡ଼ିଛି। ସେ ୨୦୧୪ରେ ସେ ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଥିଲେ। ଦଳ ତାଙ୍କୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କରିଥିଲେ ମଧ୍ୟ ମୋଟାମୋଟି ଭାବେ ଅଣଦେଖା ହୋଇ ରହିଥିଲେ। ୨୦୧୯ରେ ଟିକଟ ଦୌଡରେ ରହି ସେ ବିଫଳ ହୋଇଥିବା ବେଳେ ଚଳିତ ଥର ମଧ୍ୟ ସେ ନିରାଶ ହୋଇଥିଲେ। ଏଭଳି ପରିସ୍ଥିତିରେ ଆଜି ସେ ବିଜେପି ରାଷ୍ଟ୍ରୀୟ ବିଜେପି ସଭାପତିଙ୍କୁ ଚିଠି ଲେଖି ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ରାଜ୍ୟ ଏବଂ ଜିଲ୍ଲା ସଙ୍ଗଠନର କାର୍ଯ୍ୟକଳାପ ଉପରେ ଅସନ୍ତୋଷ ବ୍ୟକ୍ତ କରିବା ସହ ଦଳ ଭିତରେ ସେ ଅଣନିଶ୍ୱାସୀ ଅନୁଭବ କରୁଥିବା ଇସ୍ତଫା ପତ୍ରରେ ପ୍ରକାଶ କରିଛନ୍ତି।

## ବିଜେପିର ପ୍ରତିଷ୍ଠା ଦିବସରେ ପଦଯାତ୍ରା

ବ୍ରହ୍ମପୁର, ୬।୪(ସମିସ): ଭାରତୀୟ ଜନତା ପାର୍ଟିର ୪୪ତମ ପ୍ରତିଷ୍ଠା ଦିବସ ଅବସରରେ ବ୍ରହ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ଖଲ୍ଲିକୋଟ କଲେଜ ନିକଟରୁ ଆରମ୍ଭ ହୋଇ ପୁରୁଣା ବସଷ୍ଟାଣ୍ଡ, ଅନ୍ନପୂର୍ଣ୍ଣା ମାର୍କେଟ, ଗିରିଜା ଛକ ଦେଇ ଗାନ୍ଧୀନଗର ସ୍ଥିତ ମହାମାୟୀ କଲେଜ ନିକଟରେ ପହଞ୍ଚିଥିଲା। ଏଠାରେ ଦଳୀୟ କାର୍ଯ୍ୟାଳୟ ଉଦଘାଟିତ ହୋଇଥିଲା। ଏଥିରେ ବିଜେପି ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ଡ. ପ୍ରଦୀପ ପାଣିଗ୍ରାହୀ, ବ୍ରହ୍ମପୁର ବିଧାନସଭା ପ୍ରାର୍ଥୀ କେ. ଅନିଲ କୁମାର, ଓଡ଼ିଆ ସିନେ ତାରକା ତଥା ବିଜେପି ନେତା ଅରିନ୍ଦମ ରାୟ, ଜିଲ୍ଲା ସଭାପତି ଡ଼ା.ସୁବାସ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ବ୍ରହ୍ମପୁର ଲୋକସଭା କ୍ଷେତ୍ର ସଂଯୋଜକ ସରୋଜ ସାବତ, ସୁରେଶ ପାଢ଼ୀ, ବନମାଳି ସେଠୀ, ବ୍ରହ୍ମପୁର ଜୋନ୍ ମିଡ଼ିଆ ସେଣ୍ଟର୍ ସଂଯୋଜକ ସୁନିଲ କୁମାର ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ, ଜିଲ୍ଲା ଉପସଭାପତି ରାମ କୁମାର ପାତ୍ର, ଜିଲ୍ଲା ସମ୍ପାଦିକା ଏସ୍.ରାଣୀ, ରତ୍ନଗର୍ଭା ସରସ୍ୱତୀ ଦେବୀ, ନିବେଦିତା ପାଢ଼ୀ, ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ତୁତୁନ୍ ପାତ୍ର, ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ବବିତା ପାତ୍ର, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଶିବ ଶଙ୍କର ନାୟକ, ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ମଦନ ମୋହନ ପାତ୍ର, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଅନୁଜା ନନ୍ଦ ବିଶ୍ୱାଳ, ପୂର୍ବତନ କର୍ପୋରେଟର ଅଶୋକ ଶୁକ୍ଲାଙ୍କ ସମେତ ବହୁ କର୍ମୀ ଓ ନେତା ଉପସ୍ଥିତ ଥିଲେ। ତେବେ ପଦଯାତ୍ରାରେ ରନ୍ ଫର୍ ମୋଦୀ ପୋଷାକ ସମସ୍ତ ଦଳୀୟ କର୍ମୀ ପରିଧାନ କରିଥିବା ବେଳେ ଜିଲ୍ଲା ସଭାପତି, ପ୍ରାର୍ଥୀ ଅରିନ୍ଦମ ରାୟ, ବିଧାୟକ ପ୍ରାର୍ଥୀ ଓ ପ୍ରଦୀପ ପାଣିଗ୍ରାହୀଙ୍କ ସମେତ କେତେକ ନେତା ପରିଧାନ କରି ନଥିଲେ।

**AFFIDAVIT**

I, Iqubal Yusuf, S/o- MD Ather, resident of At- Mukundaprasad, Po- P.N College, Ps/ Dist- Khordha, Pin-752057, Odisha declare by this affidavit No. 616, date-06/04/2024, that now onwards I shall be known as **MOHAMMED IQBAL YOUSUF** for all future purposes.

# ଗୁମ୍ମା ଅଞ୍ଚଳରେ ମାଲମାଲ ଇଟାଭାଟି; ବଢୁଛି ପ୍ରଦୂଷଣ

ଗୁମ୍ମା, ୬।୪(ସମିସ): ଗଜପତି ଜିଲ୍ଲା ଗୁମ୍ମା ଅଞ୍ଚଳରେ ମାଲମାଲ ଇଟାଭାଟି ଗଢ଼ି ଉଠୁଛି। ପରିବେଶ ପ୍ରଦୂଷଣକାରୀ ପୋଡ଼ା ଇଟାଭାଟିକୁ ଏନ୍‌ଜିଟି ସମ୍ପୂର୍ଣ୍ଣ ବେଆଇନ ବୋଲି ଘୋଷଣା କରିବା ସହ ଏହା ଉପରେ ରୋକ ଲଗାଇବା ପାଇଁ ପ୍ରଶାସନକୁ କଡ଼ା ନିର୍ଦ୍ଦେଶନାମା ଜାରି କରିଛି। ତେବେ ଗଜପତି ଜିଲ୍ଲା ଗୁମ୍ମା ଅଞ୍ଚଳରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ନିର୍ଦ୍ଦେଶନାମାକୁ ଖାତିର ନ କରି ଚାଲିଛି ମାଲମାଲ ଇଟାଭାଟି। ବେଆଇନ ଇଟାଭାଟି ଉପରେ ପ୍ରଶାସନ ଚଡ଼ଉ କରିବା



ପରିବର୍ତ୍ତେ ନିରବଦ୍ରଷ୍ଟା ସାଜିଛିଥିବା ଅଭିଯୋଗ ହେଉଛି। ଆବାସ ଯୋଜନାରେ ଘର ପାଇଥିବା ଲୋକେ ଘର ତିଆରି ପାଇଁ ଇଟା ପକାଉଥିବା ଆଳରେ ଇଟା ବେପାରୀ ମାଲାମାଲ ହେଉଥିବା ମଧ୍ୟ କୁହାଯାଉଛି। ଏଥିଯୋଗୁ ଗୁମ୍ମା ତହସିଲ ଅଞ୍ଚଳର ବିଭିନ୍ନ ଗ୍ରାମାଞ୍ଚଳରେ ପୋଡା ଇଟାଭାଟି ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ସହ ଇଟାଭାଟି ନିଆଁର ତାପ ଜନଜୀବନ ଅସ୍ତବ୍ୟସ୍ତ କରୁଥିବାରୁ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଇଟାଭାଟିରୁ ନିର୍ଗତ ହେଉଥିବା ଧୂଆଁ ଯୋଗୁଁ ପ୍ରଦୂଷଣ ବୃଦ୍ଧି ପାଉଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେବା ସମ୍ଭାବନା ପ୍ରକାଶ ପାଉଛି। ସେହିପରି ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱହାନୀ ହେବା ସହ ଆଖପାଖ ଅଞ୍ଚଳରେ ଶ୍ୱାସରୋଗୀଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି ବୋଲି କୁହାଯାଉଛି। ବେଆଇନ ଇଟାଭାଟି ଯୋଗୁଁ ସରକାରଙ୍କ ରାଜସ୍ୱହାନୀ, ପରିବେଶ ପ୍ରଦୂଷଣ ଓ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟା ସତ୍ତ୍ୱେ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବା ଘଟଣା ନେଇ ପ୍ରତିକ୍ରିୟା ପ୍ରକାଶ ପାଉଛି।

**AFFIDAVIT**

I, Mahemed Abu Salam, S/o- Mohammed Ekram Rasul, resident of At/Po-Neulpur, Ps-Dharmasala, Dist-Jajpur, Pin-755024, Odisha declare by this affidavit No. 617, date-06/04/2024, that now onwards I shall be known as **MOHAMMED ABUSALAM** for all future purposes.

## ପ୍ରକଳ୍ପ ଅଛି; ପାଣି ଆସୁନି



ଦାରିଙ୍ଗବାଡ଼ି, ୬।୪(ସମିସ): ପ୍ରକଳ୍ପ ଅଛି ଜଳ ଯୋଗାଣ ହେଉନାହିଁ। ଏଭଳି କିଛି ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ସିଆଙ୍ଗବାଲି ପଞ୍ଚାୟତର ମାଲେବାଡ଼ି, ପଞ୍ଜୁପଲ୍ଲୀ ଗ୍ରାମ ଓ ଭ୍ରମରବାଡ଼ି ପଞ୍ଚାୟତ ଅନ୍ତର୍ଗତ ଡମପ୍ଲିୟୁ ଗ୍ରାମରେ। ଡମପ୍ଲିୟୁ ଗ୍ରାମରେ ୬୦ ପରିବାର ବସବାସ କରୁଥିବା ବେଳେ ମାତ୍ର ଦୁଇଟି ନଳକୂପ ରହିଛି। ଗୋଟିଏ ସ୍କୁଲ ପାଖରେ ଓ ଅନ୍ୟଟି ଗାଁ ମଧ୍ୟରେ। ଗାଁ ମଧ୍ୟରେ ରହିଥିବା ନଳକୂପରୁ ଟିକେ ପାଣି ବାହାରି ତା ପରେ ବନ୍ଦ ହୋଇଯାଉଛି। ଫଳରେ ଲୋକେ ପାଣି ପାଇଁ ବିଲ ମଧ୍ୟରେ ଥିବା ଚୂଆ ଉପରେ ଭରସା କରୁଛନ୍ତି। ଉକ୍ତ ଗାଁରେ ବସୁଧା ପ୍ରକଳ୍ପ ହୋଇଥିଲେ ସୁଦ୍ଧା ଜଳ ଯୋଗାଣ ହେଉନି। କୌଣସି ଘରକୁ ପାଇପ୍ ସଂଯୋଗ ଦିଆଯାଇ ନାହିଁ। ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ହେଉଥିବା ଯୋଗୁଁ ଲୋକେ ପାଣି ପାଇଁ ଡହକବିକଳ ହେଉଛନ୍ତି। ଅନ୍ୟପଟେ ମାଲେବାଡ଼ି ଓ ପଞ୍ଜୁପଲ୍ଲୀ ଗ୍ରାମ ପାଇଁ ଗୋଟିଏ ବସୁଧା ପ୍ରକଳ୍ପ ହୋଇଛି। ମାଲେବାଡ଼ି ଗ୍ରାମରେ ୫୦ ପରିବାର ବସବାସ କରୁଥିବା ବେଳେ ପଞ୍ଜୁପଲ୍ଲୀ ଗ୍ରାମରେ ୨୫ ପରିବାର ବସବାସ କରୁଛନ୍ତି। ଉକ୍ତ ଗାଁର ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ହୋଇ ୬ ମାସରୁ ଅଧିକ ଦିନ ବିତିଯାଇଛି। ଘରକୁ ଘର ଜଳ ଯୋଗାଣ ନିମନ୍ତେ ଟ୍ୟାପ୍ ମଧ୍ୟ ସଂଯୋଗ ହୋଇଛି। ଉକ୍ତ ୬ ମାସ ମଧ୍ୟରେ ମାତ୍ର ୧୫ଥର ଜଳ ଯୋଗାଣ ହୋଇଥିବା ବେଳେ ଏକ ମାସ ହେବ ଜଳଯୋଗାଣ ବନ୍ଦ ହୋଇଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରିକି ଯେଉଁ କିଛି ଦିନ ମଧ୍ୟ ପାଣି ଆସିଛି ଗୋଟିଏ ବାଲ୍‌ଟି ବି ହେଉନଥିବା ଅଭିଯୋଗ କରିଛନ୍ତି ପଞ୍ଜୁପଲ୍ଲୀ ଗ୍ରାମବାସୀ। ପ୍ରତ୍ୟେକ ଦିନ ଓ ସଠିକ୍ ପରିମାଣର ଜଳ ଯୋଗାଇ ଦେବା ନିମନ୍ତେ ଉଭୟ ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମ୍ୟ ଜଳ ଯୋଗାଣର ସହକାରୀ ଯନ୍ତ୍ରୀ ଖିରୋଦ ରାଉତଙ୍କୁ ସମସ୍ୟା ସମ୍ପର୍କରେ ପ୍ରଶ୍ନ କରାଯିବାରେ ଡମପ୍ଲିୟୁ ଗ୍ରାମରେ ବସୁଧା ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ଏକ ମାସ ମଧ୍ୟରେ କାମ ସମ୍ପୂର୍ଣ୍ଣ ହେବ ବୋଲି କହିଥିବା ବେଳେ ମାଲେବାଡ଼ି ଓ ପଞ୍ଜୁପଲ୍ଲୀ ଗ୍ରାମକୁ ଗୋଟିଏ ଦିନ ବ୍ୟବଧାନରେ ଜଳ ଯୋଗାଣ ହେଉଥିବା କହିଛନ୍ତି।

(ନିଲାମ ଇସ୍ତାହାର)

ମାନନୀୟ ଶ୍ରୀଯୁକ୍ତ ଦେୱାନୀ ଜର୍ଜ ତଥା ଫୌଜଦାରି ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ, ସୋହେଲା

ଏକଜ୍ୟୁକୁଶନ କେଶ ନଂ୦୫/୮/୨ ଅଫ ୨୦୧୭-୧୮

ଅଜନ୍ତା ଶୁଭଦର୍ଶିନୀ ...ଡିକ୍ରିଦାର
ବନାମ
ଦିଲ୍ଲିପ କୁମାର ସାହୁ ... ଦେନାଦାର

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଅଛି ଯେ, ଦେନାଦାର ଦିଲ୍ଲିପ କୁମାର ସାହୁ, ପି-ସ୍ୱର୍ଗତ ସୋମନାଥ ସାହୁ, ନି/ପୋ-ଇଛାପୁର, ଥା-ଡୁଙ୍ଗୁରିପାଲି, ଜିଲ୍ଲା-ସୁବର୍ଣ୍ଣପୁରଙ୍କ ନିମ୍ନ ତଫସିଲ ବର୍ଣ୍ଣିତ ଜମି ଆସନ୍ତା ତା.୧୨.୦୪.୨୦୨୪ରିଖ ଇସବି ଦିନ ଘ୧୧ଣ୍ଟା ସମୟରେ ଉକ୍ତ ଅଦାଲତରେ ପ୍ରକାଶ୍ୟ ନିଲାମ କରାଯିବ ।

**ତଫସିଲ**

ମୌଜା-ଗଣ୍ଡିଆପାଲି, ଥା/ତ-ବିଜେପୁର, ଜିଲ୍ଲା-ବରଗଡ, ଚକ ଖାତା ନଂ-୧୨୫, ଚକ ନଂ-୩୯୭, ଚକ ପ୍ଲଟ ନଂ-୮୩୭, ରକବା ଏ୦.୪୦ଡି ।

ଦେୱାନୀ ଜଜ୍ ତଥା ଫୌଜଦାରୀ
ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ ସୋହେଲା

### ଦକ୍ଷିଣାଞ୍ଚଳ ଆୟୁକ୍ତଙ୍କ ନିର୍ବାଚନ ପ୍ରସ୍ତୁତି ନେଇ ସମୀକ୍ଷା ବୈଠକ

# ୩୦୭୭ ସମ୍ବେଦନଶୀଳ ବୁଥ୍; ଶାନ୍ତିଶୃଙ୍ଖଳାକୁ ଗୁରୁତ୍ୱ

ବ୍ରହ୍ମପୁର, ୬।୪(ସମିସ)



ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ(ଆରଡ଼ିସି)ଙ୍କ ସମ୍ମିଳନୀ କକ୍ଷଠାରେ ଗଞ୍ଜାମ ଜିଲ୍ଲାର ନିର୍ବାଚନ ପ୍ରସ୍ତୁତି ନେଇ ଏକ ସମୀକ୍ଷା ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆରଡ଼ିସି ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା, ଗଞ୍ଜାମ ଆରକ୍ଷୀ ଅଧିକ୍ଷକ ଜଗମୋହନ ମିନା, ଗଞ୍ଜାମ ଜିଲ୍ଲା ପରିଷଦର ଉନ୍ନୟନ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ମଧୁମିତା, ବ୍ରହ୍ମପୁର ଉପଜିଲ୍ଲାପାଳ ଧୀନା ଦସ୍ତଗିର ମଞ୍ଚାସୀନ ଥିଲେ। ଗଞ୍ଜାମ ଜିଲ୍ଲାର ସମସ୍ତ ୧୩ ଗୋଟି ନିର୍ବାଚନ ମଣ୍ଡଳୀର ନିର୍ବାଚନ ଅଧିକାରୀ ସମେତ ସମ୍ପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀଗଣଙ୍କ ଉପସ୍ଥିତିରେ ଆୟୁକ୍ତ ଶ୍ରୀ ଦାସ ଅବଗତ କରାଇଥିଲେ ଯେ, ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନଟି ଯେଭଳି ଅବାଧ ରୂପେ ନିର୍ବାଚନ ହେବ ସେହି ଦିଗରେ ସମସ୍ତ ଆଶୁ ପଦକ୍ଷେପ ଗ୍ରହଣ କରି ମତଦାତାଗଣ ବିନା ଦ୍ୱିଧାରେ ଶାନ୍ତି ଓ ଶୃଙ୍ଖଳାର ସହିତ ନିଜର ବହୁମୂଲ୍ୟ ମତଦାନ ସାବ୍ୟସ୍ତ କରିବେ ସେହି ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ୨୦୨୧ଜନଗଣନା ଅନୁଯାୟୀ ଗଞ୍ଜାମ ଜିଲ୍ଲାରେ ୩୫ଲକ୍ଷ ୨୯ହଜାର ୩୧ ଜନସଂଖ୍ୟା ରହିଥିବା ବେଳେ ୨୦୨୪ ଅନୁସାରେ ୩୯ଲକ୍ଷ ୪୮ ହଜାର ୩୬୦ ଜନସଂଖ୍ୟା ରହିଛି। ଚଳିତ ବର୍ଷ ଜାନୁଆରୀ ମାସରେ ପ୍ରକାଶିତ ଭୋଟର ତାଲିକା ଅନୁଯାୟୀ ସମୁଦାୟ ୨୮ଲକ୍ଷ ୪୬ହଜାର ୧୬ଜଣ ଭୋଟର ଅଛନ୍ତି, ତନ୍ମଧ୍ୟରୁ ପୁରୁଷ ଭୋଟରଙ୍କ ସଂଖ୍ୟା ୧୫ଲକ୍ଷ ୨୦ହଜାର ୧୨୯, ମହିଳା ଭୋଟର ସଂଖ୍ୟା ୧୪ ଲକ୍ଷ ୨୫ହଜାର ୬୧୪ ଏବଂ ୨୭୩ଜଣ ତୃତୀୟ ଲିଙ୍ଗ ଭୋଟର ଅଛନ୍ତି। ସହରାଞ୍ଚଳରେ ୪୧୫ ଗୋଟି ଏବଂ ଗ୍ରାମାଞ୍ଚଳରେ ୨୬୬୨ଗୋଟି ଏହିଭଳି ଜିଲ୍ଲାରେ ସମୁଦାୟ ୩୦୭୭ ଗୋଟି ଭୋଟ ଗ୍ରହଣ କେନ୍ଦ୍ର ସହିତ ଅତିରିକ୍ତ ୧୦ ଗୋଟି ଭୋଟ ଗ୍ରହଣ କେନ୍ଦ୍ର କରାଯିବା ନେଇ ସ୍ଥିର ହୋଇଛି। ଗୋଟିଏ ଭୋଟ୍ ଗ୍ରହଣ କେନ୍ଦ୍ରରେ ୯୪୩ ପାଖାପାଖି ଭୋଟର ଭୋଟ ଦେବାର ବ୍ୟବସ୍ଥା କରାଯାଇଛି। ଏଥିରେ ୭୨୨ ଗୋଟି ସମ୍ବେଦନଶୀଳ ଭୋଟଗ୍ରହଣ କେନ୍ଦ୍ର କରିବା ସକାଶେ ଆକଳନ କରାଯାଇଛି। ନିର୍ବାଚନ ପରିଚଳନା ନିମନ୍ତେ ଆବଶ୍ୟକ ପଡୁଥିବା ମାନବ ସମ୍ବଳ ସମ୍ପୂର୍ଣ୍ଣ ହୋଇଥିବା ତଥ୍ୟରୁ ପ୍ରକାଶ କରାଯାଇଥିଲା। ଉଭୟ ବିଧାନସଭା ଓ ଲୋକସଭା ନିର୍ବାଚନ ପରିଚାଳନା ସକାଶେ ୮ଜଣ ନିର୍ବାଚନ ଅଧିକାରୀ, ୨୬ଜଣ ସହକାରୀ ନିର୍ବାଚନ ଅଧିକାରୀ, ୧୩ଜଣ ଇଆରଓ, ୭୫ଜଣ ଏଇଆରଓ, ୧୬ଜଣ ଜିଲ୍ଲା ନୋଡାଲ ଅଧିକାରୀ, ୩୭୯ଜଣ ସେକ୍ଟର ଅଧିକାରୀ, ୧୪୫ଜଣ ମାଇକ୍ରୋ ଅବଜେର୍ଭର, ୩୬୯୨ଜଣ ପ୍ରିଜାଇଡିଙ୍ଗ ଅଧିକାରୀ, ୧୮୪୬୦ଜଣ ପୋଲିଙ୍ଗ ଅଧିକାରୀ ଏବଂ ୩୦୭୭ଜଣ ବୁଥ ସ୍ତରୀୟ ଅଧିକାରୀଗଣ ସମ୍ପୂର୍ଣ୍ଣ ନିର୍ବାଚନ ପରିଚାଳନା ସକାଶେ ପ୍ରସ୍ତୁତ ହୋଇଥିବା ଜଣାପଡ଼ିଛି। ଜିଲ୍ଲାରେ ସମୁଦାୟ ୩୯୮ଟି ମହିଳା ଏବଂ ୨୬ଟି ଯୁବ ଭୋଟର ସଖି ଭୋଟ ଗ୍ରହଣ କେନ୍ଦ୍ର ସ୍ଥାପିତ ହେବ। ୧୩ଟି ଭିନ୍ନକ୍ଷମ ବୁଥ, ୩୯ଟି ପୁରୁଷ ପରିଚାଳନା ବୁଥ, ୧୩ଟି ଇକୋ ଫ୍ରେଣ୍ଡଲୀ ବୁଥ, ୧୨୬ଟି ଅନ୍ୟ ମଡେଲ ବୁଥ ଏହିଭଳି ୬୧୫ଟି ଅତ୍ୟାଧୁନିକ ବୁଥ ବ୍ୟବସ୍ଥା କରାଯିବା ନେଇ ସ୍ଥିର ହୋଇଛି। ୩୦୭୭ ଗୋଟି ସମ୍ବେଦନଶୀଳ ବୁଥ ହୋଇ ନିର୍ବାଚନ ଯେଭଳି ଶାନ୍ତି ଶୃଙ୍ଖଳା ରକ୍ଷା କରି ପରିଚାଳନା ହେବ ସେଥିପ୍ରତି ଗୁରୁତ୍ୱ ଦେବାକୁ କୁହାଯାଇଛି।

## ଦୁର୍ଘଟଣାରେ ଆହତ ଦଣ୍ଡୁଆଙ୍କ ଏମ୍‌କେସିଜିରେ ଚିକିତ୍ସା ଜାରି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ ଆସିକା ସାଂସଦ ପ୍ରାର୍ଥୀ ରଞ୍ଜିତା ସାହୁ



**ବ୍ରହ୍ମପୁର, ୬।୪(ସମିସ):** ହିଞ୍ଜିଳି ଥାନା ଅନ୍ତର୍ଗତ ସୋମପୁର ଛକରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟଣାରେ ଆହତ ଦଣ୍ଡୁଆଙ୍କ ଏମକେସିଜି ମେଡ଼ିକାଲରେ ଚିକିତ୍ସା ଜାରି ରହିଛି। ଆହତ ମାନଙ୍କ ମଧ୍ୟରେ ଯାତ୍ରାଶୁଣି ଗ୍ରାମର ସାଇବ ଗୌଡ, କୈଳାସ ଗୌଡ, କୁଲାଙ୍ଗି ଗ୍ରାମର ପ୍ରମୋଦ କୁମାର ନାୟକ, ଦହିମୁଣ୍ଡଳି ଗ୍ରାମର ଅନିଲ ନାୟକ, କୃଷ୍ଣ ବରଡ଼, ବାଙ୍କ ଗ୍ରାମର କୌତିକ ନାୟକ, କାଳିଆଘୋଡ଼ା ଗ୍ରାମର ଟୁକୁନା ନାୟକ ଓ ସୁନାପଲ୍ଲୀ କାହ୍ନୁ ଚରଣ ଜେନାଙ୍କ ଚିକିତ୍ସା ଜାରି ରହିଛି। ଆହତ ଦଣ୍ଡୁଆଙ୍କ ମେଡ଼ିକାଲର ସର୍ଜରୀ ଓ ଅସ୍ଥିଶଲ୍ୟ ବିଭାଗରେ ଚିକିତ୍ସିତ ହେଉଛନ୍ତି। କିଛି ଦଣ୍ଡୁଆଙ୍କ ହାତ ଗୋଡ଼ ଭାଙ୍ଗିବା ସହ ଶରୀରରେ ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିବା ବେଳେ ଆଉ କିଛି ମଧ୍ୟ ଆହତ ହୋଇଛନ୍ତି। ଅନ୍ୟପକ୍ଷରେ ଏମକେସିଜି ମେଡ଼ିକାଲରେ ଆସିକା ଲୋକସଭାର ବିଜେଡି ସାଂସଦ ପ୍ରାର୍ଥୀ ରଞ୍ଜିତା ସାହୁ ପହଞ୍ଚି ଆହତ ଦଣ୍ଡୁଆଙ୍କ ସହ କଥାବାର୍ତ୍ତା ହୋଇ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝୁଥିଲେ। ସେହିପରି ଚିକିତ୍ସା କରିଥିବା ଡାକ୍ତରଙ୍କ ସହ ଆଲୋଚନା କରି ଉତ୍ତମ ଚିକିତ୍ସା ନିମନ୍ତେ ଅନୁରୋଧ କରିଥିଲେ।

## ଦୃଷ୍ଟିବାଧିତଙ୍କଠାରୁ ମୋବାଇଲ ଫୋନ୍ ଲୁଟ୍

**ବ୍ରହ୍ମପୁର, ୬।୪(ସମିସ):** ରାସ୍ତାରେ ଚାଲି ଚାଲି ଯାଉଥିବା ଜଣେ ଦୃଷ୍ଟିବାଧିତଙ୍କଠାରୁ ମୋବାଇଲ ଲୁଟ ହୋଇଛି। ଏନେଇ ଗୋଷାଣୀନୂଆଗାଁ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ ଯେ, ଗତ ଦୁଇ ଦିନ ପୂର୍ବେ ନଳିନୀ ବିହାରରେ ରହୁଥିବା ଦୃଷ୍ଟିବାଧିତ ରାଜେନ୍ଦ୍ର ରଣା ଓ ତାଙ୍କ ଦୃଷ୍ଟି ବାଧିତ ସାଙ୍ଗ ସହ ଚାଲିଚାଲି ଘରକୁ ଫେରୁଥିଲେ। ଏହି ସମୟରେ ଜଣେ ଦୁର୍ବୃତ୍ତ ଉଭୟ ଦୃଷ୍ଟି ବାଧିତଙ୍କୁ ପିଛା କରିଥିଲେ। ହଳଦିଆପଦର ଓଭରବ୍ରିଜ ନିକଟରେ ଦୁର୍ବୃତ୍ତ ଜଣଙ୍କ ଉଭୟ ଦୃଷ୍ଟିବାଧିତଙ୍କ ନିକଟତର ହୋଇ ରାଜେନ୍ଦ୍ରଙ୍କ ହାତରୁ ମୋବାଇଲଟି ଝାମ୍ପି ନେଇ ଦୌଡି ପଳାଇଥିଲେ। ରାଜେନ୍ଦ୍ର ଓ ତାଙ୍କ ବନ୍ଧୁଙ୍କୁ କିଛି ଦେଖା ଯାଉନଥିବାରୁ ସେମାନେ ଦୁର୍ବୃତ୍ତଙ୍କୁ ଚିହ୍ନି ପାରିନଥିଲେ। ଆଉ ଦୁର୍ବୃତ୍ତ ଜଣଙ୍କ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ଘଟଣା ବେଳର ଦୃଶ୍ୟ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭିରେ କଏଦ୍ ହୋଇଛି। ଏହି ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରଲ ମଧ୍ୟ ହୋଇଛି। ଘଟଣାକୁ ନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ ସିସିଟିଭି ଫୁଟେଜ ଯାଞ୍ଚ କରିଛି। ସିସିଟିଭି ଫୁଟେଜକୁ ଆଧାର କରି ପୁଲିସ ଅଭିଯୁକ୍ତଙ୍କୁ ଚିହ୍ନଟ କରିଛି। ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୁଲିସ କହିଛି।

## ଭିଣୋଇ ଆକ୍ରମଣରେ ଶାଳକ ଗୁରୁତର

**ବ୍ରହ୍ମପୁର, ୬।୪(ସମିସ):** ଭିଣୋଇର ଆକ୍ରମଣରେ ଗୁରୁତର ହୋଇଛନ୍ତି ଶାଳକ। ବଡବଜାର ଥାନା ଅନ୍ତର୍ଗତ ରାଧାକାନ୍ତ ସାହିରେ ଏଭଳି ଘଟଣା ଘଟିଛି। ଏନେଇ ବଡବଜାର ଥାନାରେ ଏକ ମାମଲା ରୁଜୁ ହୋଇଛି। ଗୁରୁତର ହୋଇଥିବା ବ୍ୟକ୍ତି ଜଣଙ୍କ ହେଲେ ଓମ ନଗର ଗୌରାଙ୍ଗ ବିହାରର ସୀତାରାମ ଦାଶ। ସୂଚନାପ୍ରକାରେ, ସୀତାରାମଙ୍କ ଭଉଣୀ ରାଧାକାନ୍ତ ସାହିଠାରେ ନିଜ ପରିବାର ସହ ରହୁଛନ୍ତି। ୨ଦିନ ପୂର୍ବେ ସୀତାରାମଙ୍କ ଭଉଣୀଙ୍କୁ ତାଙ୍କ ଭିଣୋଇ ଯୋଗେନ୍ଦ୍ର ଭୂୟାଁ ମାରପିଟ କରୁଥିବା ଜାଣିବା ପରେ ସୀତାରାମ ରାଧାକାନ୍ତ ସାହିରେ ପହଞ୍ଚି ପ୍ରତିବାଦ କରିଥିଲେ। ଏଥିରେ ତାଙ୍କ ଭିଣୋଇ ଉତ୍ତ୍ୟକ୍ତ ହୋଇ ସୀତାରାମଙ୍କୁ ଏକ ଧାରୁ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ସୀତାରାମ ଗୁରୁତର ହୋଇଯାଇଥିଲେ ବୋଲି ସେ ନିଜ ଅଭିଯୋଗ ଦର୍ଶାଇଛନ୍ତି।

## କଳାକାର ଭତ୍ତା ପାଇଁ ଆବେଦନପତ୍ର ଗ୍ରହଣ

**ବ୍ରହ୍ମପୁର, ୬।୪(ସମିସ):** ରାଜ୍ୟ ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞାପନ ଅନୁଯାୟୀ ରାଜ୍ୟର ନୂତନ ୩୦ହଜାର କଳାକାରଙ୍କୁ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ କଳାକାର ଭତ୍ତା ପ୍ରାପ୍ତି ନିମନ୍ତେ ଆବେଦନ କରିବାକୁ ନିର୍ଦ୍ଦେଶ ରହିଛି। କିନ୍ତୁ ନିର୍ବାଚନ ଆଚରଣ ବିଧି ଲାଗୁ କାରଣରୁ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କାଗଜପତ୍ର ରଖାଯାଉ ନ ଥିବା ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘର ମହାସଚିବ ସୁବାସ ଚନ୍ଦ୍ର ସାହୁ ଅଭିଯୋଗ କରିଛନ୍ତି। ଆବେଦନର ଶେଷ ତାରିଖ ଚଳିତ ମାସ ୩୦ତାରିଖ ରହିଛି। ଆଚରଣ ବିଧି ହଟିଲା ବେଳକୁ ଆବେଦନ ଗ୍ରହଣର ସମୟ ସୀମା ଶେଷ ହୋଇଯିବ। ପ୍ରମାଣ ପତ୍ର ଗ୍ରହଣ କରାଯିବ ନାହିଁ ବୋଲି ଶ୍ରୀ ସାହୁ କହିଛନ୍ତି। ଅନ୍ୟ ଜିଲ୍ଲାରେ ଆବେଦନ ପତ୍ର ଗ୍ରହଣ କରାଯାଉଥିବା ବେଳେ ଗଞ୍ଜାମ ଜିଲ୍ଲାରେ ବ୍ୟତିକ୍ରମ କାହିଁକି ବୋଲି ସଂଘ ପ୍ରଶ୍ନ କରିଛି। ଏ ସମ୍ପର୍କରେ ସୂଚନା ଦେବା ପାଇଁ ସଂଘ ଦାବି କରିଛି।

## ଶୃଙ୍ଖଳିତ ମତଦାନ ନେଇ ମାନବଶୃଙ୍ଖଳ

**ବ୍ରହ୍ମପୁର, ୬।୪(ସମିସ):** ସ୍ଥାନୀୟ ଉମା ଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲ ଓ ବ୍ରହ୍ମପୁର ଉପଖଣ୍ଡସ୍ତରୀୟ ପ୍ରଶାସନ ପକ୍ଷରୁ ଶନିବାର ଏକ ମାନବ ଶୃଙ୍ଖଳ ଆୟୋଜିତ ହୋଇଥିଲା। ଏଥିରେ ଅନୁଷ୍ଠାନର ବହୁ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ପ୍ରଶାସନ ତରଫରୁ ମତଦାନ ବିଷୟରେ ସଚେତନତାର ବାର୍ତ୍ତା ନାଗରିକମାନଙ୍କୁ ଦିଆଯାଇଥିଲା। କିପରି ନାଗରିକମାନେ ଶୃଙ୍ଖଳିତ ଓ ସ୍ୱଚ୍ଛତାର ସହିତ ମତଦାନ କରିବେ ସେନେଇ ଶପଥ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ସୁବ୍ରତ ରାମବିରାମ ଶତପଥୀ, ଆଶୁତୋଷ ପଟ୍ଟନାୟକ, ଇଞ୍ଜିନିୟରିଂ ସ୍କୁଲ ଅଧ୍ୟକ୍ଷ ଇଂ ପ୍ରକାଶ ଚନ୍ଦ୍ର ଜେନାଙ୍କ ସମେତେ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଉପଜିଲ୍ଲାପାଳ କାର୍ଯ୍ୟାଳୟର ବହୁ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଦୃଷ୍ଟିବାଧିତଙ୍କ ମୋବାଇଲ ଲୁଟି ନେଲା

## ବ୍ରହ୍ମପୁର ଏସ୍‌ପିଙ୍କୁ ଭାବବିହ୍ୱଳ ବିଦାୟ ସମ୍ବର୍ଦ୍ଧନା



**ବ୍ରହ୍ମପୁର, ୬।୪(ସମିସ):** ବ୍ରହ୍ମପୁର ଏସପିଙ୍କୁ ଭାବବିହ୍ୱଳ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବ୍ରହ୍ମପୁର ପୁଲିସ ଜିଲ୍ଲାରେ ସେ ୧ବର୍ଷରୁ ଊର୍ଦ୍ଧ୍ୱ ସମୟ ରହିଥିଲେ ହେଁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଥିଲେ। ନିଃସ୍ୱାର୍ଥପର ଭାବେ କାମ କରିଥିବା ଏସପି ଡ଼ା ସର୍ବଣା ବିବେକ ଏମଙ୍କୁ ଶନିବାର ଏସପିଙ୍କ କାର୍ଯ୍ୟାଳୟରେ ଏକ ଭାବବିହ୍ୱଳ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦାୟକାଳୀନ ସମ୍ବର୍ଦ୍ଧନା ବେଳେ ଏସପିଙ୍କ ଆଖିରେ ଲୁହ ଦେଖିବାକୁ ମିଳିଥିଲା। ଉପସ୍ଥିତ ସମସ୍ତ ଅଫିସର, ପୁଲିସ କର୍ମଚାରୀ ମଧ୍ୟ ପ୍ରିୟର ଅଫିସରଙ୍କୁ ଏଠାରୁ ଅବସର ଦେଇ କାନ୍ଦି ପକାଇଥିଲେ। ତାଙ୍କ କାର୍ଯ୍ୟଶୈଳୀ ସବୁବେଳେ ସ୍ୱତନ୍ତ୍ର ବୋଲି କହିଥିଲେ। ୨୦୨୨ମସିହା ମେ ୬ ତାରିଖରେ ୨୦୧୫ ବ୍ୟାଚ୍‌ର ଆଇପିଏସ୍ ଅଫିସର ଡ଼ା ସର୍ବଣା ବିବେକ ଏମ ବ୍ରହ୍ମପୁର ଏସପି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଦାୟିତ୍ୱ ଗ୍ରହଣ ପରେ ସେ ଅପରାଧୀ ଦମନ, ଆଇନଶୃଙ୍ଖଳା ନିୟନ୍ତ୍ରଣ, ଭିଆଇପି ସୁରକ୍ଷା ଉପରେ ଅଧିକ ଗୁରତ୍ୱ ଦେଇ ଆସୁଥିଲେ। ଏହା ସହ ପୁଲିସ୍ ବ୍ୟବସ୍ଥାକୁ ଜନକୈନ୍ଦ୍ରିକ ଉପରେ ଅଧିକ ଫୋକସ୍ ଦେଉଥିଲେ। ଏସପିଙ୍କ ସମୟରେ ବହୁ ହତ୍ୟା, ଡକାୟତି, ଚୋରି, ଦୁଷ୍କର୍ମ, ଠକେଇ ମାମଲାରେ ପୁଲିସ ଟିମୱାର୍କ କରି ସଫଳତା ହାସଲ କରିଥିଲେ। ପୁଲିସ ପିପୁଲ୍ସ ଫ୍ରେଣ୍ଡଲି ଭାବେ କାମ କରି ସହରବାସୀଙ୍କୁ ସେବା ଯୋଗାଇ ଦେଇଆସୁଥିଲା। ଏସପିଙ୍କ ସଂସ୍ପର୍ଶରେ ଆସିଥିବା ସହରର ବିଭିନ୍ନ ସଂଗଠନ କର୍ମକର୍ତ୍ତା ମଧ୍ୟ ତାଙ୍କ କାର୍ଯ୍ୟଶୈଳୀକୁ ସାଧୁବାଦ ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସପି ରମେଶ ଚନ୍ଦ୍ର ସେଠି, ଅସିମ କୁମାର ପଣ୍ଡା, ଏସଡ଼ିପିଓଙ୍କ ସମେତ ସମସ୍ତ ଥାନା ଅଧିକାରୀ ଓ ପୁଲିସ କର୍ମଚାରୀଗଣ ଉପସ୍ଥିତ ଥିଲେ।

## ବୃଦ୍ଧାଙ୍କଠାରୁ ଅଳଙ୍କାର ଲୁଟ୍, ଯୁବତୀଙ୍କ ସମ୍ପୃକ୍ତି ଅଭିଯୋଗ

**ବ୍ରହ୍ମପୁର, ୬।୪(ସମିସ):** ସ୍ଥାନୀୟ ଗେଟବଜାର ମାଛ ମାର୍କେଟ ନିକଟରେ ଜନୈକା ବୃଦ୍ଧାଙ୍କ ସୁନାହାର ଲୁଟ ହୋଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ ଯେ, ଗେଟବଜାର ମାଛ ମାର୍କେଟ ନିକଟରେ ରହୁଥିବା ୟୁ ସାବିତ୍ରୀ (୬୪) ଗତ ୩ତାରିଖ ଅପରାହ୍ନରେ ନିଜ ଘର ନିକଟରେ ଠିଆ ହୋଇଥିଲେ। ଏହି ସମୟରେ ଜଣେ ଯୁବତୀ ସେଠାରେ ପହଞ୍ଚି ସାବିତ୍ରୀଙ୍କ ସହିତ ତାଙ୍କ ଝିଅ ଫୋନ ଯୋଗେ କଥା ହେବାକୁ ଚାହୁଁଥିବା କରିଥିଲେ। ତେବେ ଏହାକୁ ଅସ୍ୱୀକାର କରିଥିଲେ ସାବିତ୍ରୀ। ପରେ ଯୁବତୀ ଜଣଙ୍କ ସାବିତ୍ରୀଙ୍କୁ ଠେଲାପେଲା କରିଥିଲା। ସେ ତଳେ ପଡ଼ିଯିବା ପରେ ତାଙ୍କ ବେକରେ ଥିବା ଏକ ସୁନା ହାରକୁ ଝାମ୍ପିନେଇ ଯୁବତୀ ଜଣକ ସେଠାରୁ ଚମ୍ପଟ ମାରିଥିଲେ। ଘଟଣାକୁ ନେଇ ସାବିତ୍ରୀ ଟାଉନ ଥାନାରେ ଅଭିଯୋଗ କରିଥିଲେ।

## ଦଣ୍ଡନାଚ ବେଳେ ଯୁବକଙ୍କୁ ଆକ୍ରମଣ ଘଟଣାରେ ଜଣେ ଗିରଫ

**ବ୍ରହ୍ମପୁର, ୬।୪(ସମିସ):** ଜଣେ ଯୁବକକୁ ଆକ୍ରମଣ କରିଥିବା ଅଭିଯୋଗରେ ନିମଖଣ୍ଡି ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ଗେଟବଜାର ଅଞ୍ଚଳରେ ପ୍ରେମ ରାଓ(୧୯)। ସୂଚନାଯୋଗ୍ୟ ଯେ' ଗତକାଲି ବିଳମ୍ବିତ ରାତିରେ ଲୋଚାପଡ଼ା ବ୍ରଜନଗର ଅଞ୍ଚଳରେ ଏକ ଦଣ୍ଡନାଚ ଚାଲିଥିଲା। ସମ୍ପୃକ୍ତ ଅଞ୍ଚଳରେ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। କୌଣସି କାରଣକୁ ନେଇ ଲୋଚପଡ଼ାର ଏମ ଜଗନ୍ନାଥ ଓ ପ୍ରେମଙ୍କ ମଧ୍ୟରେ ପ୍ରଥମେ ବଚସା ହୋଇଥିଲା। ପରେ ପ୍ରେମ ଏକ ପଥର ସାହାଯ୍ୟରେ ଜଗନ୍ନାଥଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲା। ଆକ୍ରମଣରେ ଜଗନ୍ନାଥ ଗୁରୁତର ଆହତ ହୋଇଥିଲେ। ଜଗନ୍ନାଥ ଚିକିତ୍ସା ନିମନ୍ତେ ସ୍ଥାନୀୟ ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ। ପରେ ଘଟଣାକୁ ନେଇ ନିମଖଣ୍ଡି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ସହ ଅଭିଯୁକ୍ତ ପ୍ରେମକୁ ଗିରଫ କରିଥିଲା। ଶନିବାର ସନ୍ଧ୍ୟାରେ ପୁଲିସ ଅଭିଯୁକ୍ତ ପ୍ରେମକୁ ଗିରଫ କରି କୋର୍ଟଚାଲାଣ କରିଛି।

## ଅର୍ଜୁନ ହସ କ୍ଲବ୍‌ର କାର୍ଯ୍ୟକାରିଣୀ ବୈଠକ

ବ୍ରହ୍ମପୁର, ୬।୪(ସମିସ): ସ୍ଥାନୀୟ ବାବାଜୀତୋଟା ସାହି ସ୍ଥିତ ଗୋପାଳଜୀ ମନ୍ଦିର ପ୍ରାଙ୍ଗଣରେ ଅର୍ଜୁନ ହସ କ୍ଲବର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଆସନ୍ତା ୫ତାରିଖ ଦିନ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱ ହସ ଦିବସ ପାଳନ ସମ୍ପର୍କରେ ଆଲୋଚନା କରାଯାଇଛି। ସଭାପତି ସୀମାଞ୍ଚଳ ପ୍ରସାଦ ବିଷୋୟୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ଡାକ୍ତର ସମରେନ୍ଦ୍ର କୁମାର ସାହୁ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ବାଞ୍ଛାନିଧି ବେହେରା ଆର୍ଥିକ ବିବରଣୀ ପ୍ରଦାନ କରିଥିଲେ। ଆଗାମୀ ହସ ଦିବସ ପାଳନର ରୂପରେଖ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ସୁବ୍ରତ କୁମାର ସାହୁ, ବି ବେଣୁଗୋପାଳ ପାତ୍ର, ବିପ୍ରଚରଣ ନାୟକ, କିଶୋରଚନ୍ଦ୍ର ଜେନା, ପୂର୍ଣ୍ଣଚନ୍ଦ୍ର ମହପାତ୍ର, ନିରଞ୍ଜନ ମହାରଣା, ରବୀନ୍ଦ୍ର ନାଥ ପ୍ରଧାନ, ପ୍ରଶାନ୍ତ କୁମାର ମହାପାତ୍ର, ଭୀଷ୍ମଚାର୍ଯ୍ୟ ଚୌଧୁରୀ, ରବୀନ୍ଦ୍ର କୁମାର ମିଶ୍ର, ସୁରେନ୍ଦ୍ର ମହାପାତ୍ର, ରବୀନ୍ଦ୍ର ସାହୁ, କୁମାର ସ୍ୱାମୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ତ୍ରୀ ପରେ ସ୍ୱାମୀ ଛାଡ଼ିଲେ ଦଳ

## ବିଜେପିକୁ ବାଏ ବାଏ କଲେ ମନୋଜ ପଟ୍ଟନାୟକ

ବ୍ରହ୍ମପୁର, ୬।୪(ସମିସ)



ଭାରତୀୟ ଜନତା ପାର୍ଟିର ପ୍ରାଥମିକ ସଦସ୍ୟରୁ ଇସ୍ତଫା ଦେଇଛନ୍ତି ବରିଷ୍ଠ ଆଇନଜୀବୀ ତଥା ଦଳର ପୂର୍ବତନ ଉପସଭାପତି ମନୋଜ ପଟ୍ଟନାୟକ। ଦୀର୍ଘବର୍ଷ ଧରି ସେ ବିଜେପି ଦଳର ଜଣେ ସକ୍ରିୟ ସଦସ୍ୟଭାବେ କାର୍ଯ୍ୟରତ ଥିଲେ। ଅନେକ ସମୟରେ ଦଳ ପାଇଁ କାର୍ଯ୍ୟ କରି ଚର୍ଚ୍ଚାରେ ମଧ୍ୟ ରହିଥିଲେ। ଦଳରେ ରହି ଏବେ ଅଣନିଃଶ୍ୱାସି ଲାଗୁଥିବାରୁ ସେ ବିଜେପି ପରିତ୍ୟାଗ କରିଥିବା କହିଛନ୍ତି। ଏନେଇ ଇସ୍ତଫା ପତ୍ର ଜିଲ୍ଲା ସଭାପତିଙ୍କ ନିକଟକୁ ପଠାଇ ଦେଇଛନ୍ତି। ଶ୍ରୀ ପଟ୍ଟନାୟକଙ୍କ କହିବା ପ୍ରକାରେ ୧୯୯୦ମସିହାରୁ ସାଇକେଲରେ ବିଜେପି ପତାକା ଲଗାଇ ବ୍ରହ୍ମପୁର ସାହି ଗଳିକନ୍ଦି ବୁଲି ସେ ପ୍ରଚାର କରୁଥିଲେ। ସେ ଦଳରେ ରହିବା ଭିତରେ ଗାନ୍ଧୀ ନଗର ବୁଥ କମିଟି ସଭାପତି, ବ୍ରହ୍ମପୁର ଯୁବମୋର୍ଚ୍ଚା ସଭାପତି, ବିଜେପି ଗଞ୍ଜାମ ଜିଲ୍ଲା ସମ୍ପାଦକ ପଦରୁ ବ୍ରହ୍ମପୁର ପୂର୍ବତନ ସାଂସଦ ସ୍ୱର୍ଗତ ଅନାଦି ସାହୁଙ୍କ ବ୍ୟକ୍ତିଗତ ସହାୟକ, ପୁଣି ଉପସଭାପତି ଗଞ୍ଜାମ ଜିଲ୍ଲା ଏହିପରି ଭାବେ ଦଳ ଯେତେବେଳେ ଯେଉଁ ଦାୟିତ୍ୱ ଦେଇଛି ବଡଭାଇ ମାନଙ୍କ ଭଳି ଆଦେଶକୁ ନିଜର ବୋଲିଭାବି ପାଳନ କରିଆସୁଥିଲେ। ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକ ଓ ସ୍ୱର୍ଗତ ବିଜୁ ପଟ୍ଟନାୟକ ସରକାର ଅମଳରେ ମଧ୍ୟ ସେ ଯେତିକିଥର ଦଳ ପାଇଁ ଲାଠିମାଡ଼, ଗିରଫ ଓ ଜେଲ ଯାଇଛନ୍ତି ବୋଧେ ବହୁତ କମ କାର୍ଯ୍ୟକର୍ତ୍ତାମାନଙ୍କ ଭାଗ୍ୟରେ ଆସିଥିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ସେତେବେଳେ ଦଳ ତାଙ୍କ ଘର ବୋଲି ଅନୁଭବ ହେଉଥିଲା। ଏବେ ବହୁଦିନ ହେଲା ତାଙ୍କୁ ଦଳ ଭିତରେ ଅଣନିଶ୍ୱାସୀ ହୋଇଗଲା ଭଳି ଲାଗୁଛି। ସେହି ସ୍ନେହ ଶ୍ରଦ୍ଧା ଆଉ ନାହିଁ। ତେଣୁ ଦଳ ବନ୍ଧନରୁ ମୁକ୍ତ କରିବାକୁ ସେ କହିଛନ୍ତି। ତାଙ୍କୁ ବିଜେପି ଦଳରେ ଏକ ଦୃଢ଼ ଦକ୍ଷ କାର୍ଯ୍ୟକର୍ତ୍ତା ଭାବରେ ଠିଆ କରେଇ ପାରିଥିବାରୁ ଓଡ଼ିଶା ପ୍ରଦେଶ ବିଜେପିର ପୂର୍ବତନ ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ମିଶ୍ରଙ୍କ ନିକଟରେ ସେ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ, ମନୋଜ ପଟ୍ଟନାୟକଙ୍କ ସ୍ତ୍ରୀ ସୁବାଶିନୀ ପଟ୍ଟନାୟକ ମଧ୍ୟ ଗତ ପୌର ନିର୍ବାଚନରେ ବିଜେପି ଦଳ ପରିତ୍ୟାଗ କରି କଂଗ୍ରେସ ଦଳରେ ସାମିଲ ହୋଇଥିଲେ। ସେତେବେଳେ ମଧ୍ୟ ବିଜେପି ତାଙ୍କ ପ୍ରତି ଅଣଦେଖା କରିଥିବା ଅଭିଯୋଗ ହୋଇଥିଲା।

## ବାପଘରୁ ବିବାହିତ ଝିଅର ମୃତଦେହ ଉଦ୍ଧାର

ବ୍ରହ୍ମପୁର, ୬।୪(ସମିସ)

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଗଜପତି ନଗର ଅଞ୍ଚଳରେ ଏକ ଘରୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହକୁ ପୁଲିସ ଉଦ୍ଧାର କରିଛି। ମୃତ ମହିଳା ଜଣକ ହେଲେ ଗଜପତିନଗର ୧୪ଶ ଲାଇନ ନିବାସୀ କିଶୋରଚନ୍ଦ୍ର କୁମାରଙ୍କ ପତ୍ନୀ ଦିଗାମ୍ବରୀ ମହାପାତ୍ର(୩୪)। ପୁଲିସ ମୃତଦେହ ଜବତ କରି ଏସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପାରିବାରିକ କଳହରୁ ଦିଗାମ୍ବରୀ ଆତ୍ମହତ୍ୟା କରିଥିବା ପୁଲିସ ସନ୍ଦେହ କରୁଛି। ସୂଚନାଯୋଗ୍ୟ ଯେ, ଦିଗାମ୍ବରୀ କିଛିବର୍ଷ ପୂର୍ବେ କିଶୋରଚନ୍ଦ୍ର କୁମାରଙ୍କୁ ବିବାହ କରିଥିଲେ। କୌଣସି କାରଣରୁ ସ୍ୱାମୀ କିଶୋର ଚନ୍ଦ୍ରଙ୍କ ସହ ଝଗଡ଼ା କରି କିଛି ମାସ ପୂର୍ବେ ଗଜପତିନଗର ୧୦ମ ଲାଇନ ସ୍ଥିତ ନିଜ ବାପ ଘରେ ରହି ଆସୁଥିଲେ ଦିଗାମ୍ବରୀ। ଶନିବାର ପୂର୍ବାହ୍ନରେ ସେ ଘରଭିତରେ ବେକରେ ପ୍ଲାଷ୍ଟିକ ରସି ବାନ୍ଧି ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା। କୌଣସି ସୂତ୍ରରୁ ବୈଦ୍ୟନାଥପୁର ଥାନା ପୁଲିସ ଖବର ପାଇ ଘଟଣା ସ୍ଥଳରେ ପହଁଚି ଉକ୍ତ ଘରର କବାଟ ଭାଙ୍ଗି ଭିତରେ ପ୍ରବେଶ କରିଥିଲା। ଘର ଭିତରେ ଦିଗାମ୍ବରୀ ବେକରେ ପ୍ଲାଷ୍ଟିକ ରସି ଲଗାଇ ଝୁଲୁଥିବା ଦେଖିବାକୁ ମିଳିଥିଲା। ପୁଲିସ ଝୁଲନ୍ତା ଅବସ୍ଥାରେ ଦିଗାମ୍ବରୀଙ୍କ ମୃତଦେହ ଉଦ୍ଧାର କରି ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଥିଲେ। ସେଠାରେ ଦିଗାମ୍ବରୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଶବ ବ୍ୟବଛେଦ ପରେ ପରିବାର ବର୍ଗଙ୍କୁ ଶବ ହସ୍ତାନ୍ତର କରାଯାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି। ଅନ୍ୟପକ୍ଷରେ ଝିଅ ଦିଗାମ୍ବରୀ ପାରିବାରିକ କଳହରୁ ଏଭଳି ଚରମ ପଦକ୍ଷେପ ନେଇଥିବା ନେଇ ତାଙ୍କ ମା ପରମଲକ୍ଷ୍ମୀ ମହାପାତ୍ର ଥାନାରେ ଅଭିଯୋଗ କରିଛନ୍ତି।

### ପାରିବାରିକ କଳହରୁ ଆତ୍ମହତ୍ୟା କରିଥିବା ସନ୍ଦେହ

### ପୁଲିସର ତଦନ୍ତ ଜାରି

# ଗୋଷ୍ଠୀ ସ୍ୱାସ୍ଥ୍ୟର ବିକାଶ ପାଇଁ ଟିପିଏସ୍‌ଓଡିଏଲ୍‌ର ପ୍ରୟାସ

ବ୍ରହ୍ମପୁର, ୬।୪(ସମିସ)




ବିଶ୍ୱ ସ୍ୱାସ୍ଥ୍ୟ ଦିବସ

ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ସ୍ଥାନୀୟ ଗୋଷ୍ଠୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଟିପି ସଦର୍ଣ୍ଣ ଓଡ଼ିଶା ବିତରଣ ଲିମିଟେଡ଼ (ଟିପିଏସ୍‌ଓଡିଏଲ୍) ପ୍ରୟାସ ଜାରି ରଖିଛି। ଚଳିତବର୍ଷର ଥିମ୍ "ମାଇଁ ହେଲଥ, ମାଇଁ ରାଇଟ୍" (ମୋ ସ୍ୱାସ୍ଥ୍ୟ, ମୋ ଅଧିକାର) ଆଧାରରେ ଦକ୍ଷିଣ ଓଡ଼ିଶାର ଲୋକଙ୍କ ତଥା କମ୍ପାନୀର କର୍ମଚାରୀଙ୍କ ଉତ୍ତମ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା ଦିଗରେ ଟିପିଏସ୍‌ଓଡିଏଲ୍ ପ୍ରଚେଷ୍ଟା କରୁଛି। କର୍ପୋରେଟ ସାମାଜିକ ଦାୟିତ୍ୱ (ସିଏସଆର)ର୍ ପଦକ୍ଷେପ ମାଧ୍ୟମରେ ଟିପିଏସ୍‌ଓଡିଏଲ୍ ଗ୍ରାମୀଣ ଅଞ୍ଚଳରେ ଭ୍ରାମ୍ୟମାଣ ଚିକିତ୍ସା ସେବା ପ୍ରଦାନ କରୁଛି। ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ତଥା ଗ୍ରାମୀଣ ଇଲାକାରେ ବସବାସ କରୁଥିବା ଲୋକଙ୍କୁ ମୌଳିକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଏହି ପଦେକ୍ଷପର ମୁଖ୍ୟ ଉଦ୍ଦେଶ୍ୟ। ବୌଦ୍ଧ ଏବଂ ଜୟପୁରରେ ଟିପିଏସଓଡିଏଲର ଦୁଇଟି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ୟୁନିଟ ପ୍ରାୟ ୪୦ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଉଛି। ପ୍ରତ୍ୟେକ ୟୁନିଟରେ ଜଣେ ଏମବିବିଏସ ଡାକ୍ତର, ଜଣେ ଫାର୍ମାସିଷ୍ଟ ଏବଂ ଜଣେ ନର୍ସ କାମ କରନ୍ତି। ଏହି ପଦକ୍ଷେପ ମାଧ୍ୟମରେ ୪୪୯ଗ୍ରାମ ପଞ୍ଚାୟତ ଓ ୯୯୨ ଗ୍ରାମର ଦୁଇ ଲକ୍ଷରୁ ଅଧିକ ଲୋକ ମୌଳିକ ସ୍ୱାସ୍ଥ୍ୟ ସୁବିଧା ପାଉଛନ୍ତି। ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ୟୁନିଟ ଦ୍ୱାରା ମାଗଣାରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରାମର୍ଶ ସହ ଆବଶ୍ୟକୀୟ ଚିକିତ୍ସା ଏବଂ ଔଷଧ ବିତରଣ କରାଯାଉଛି। ରବିବାର ଏବଂ ଛୁଟି ଦିନ ବ୍ୟତୀତ ପ୍ରତି ମାସରେ ୨୪ଦିନ ଏହି ସ୍ୱାସ୍ଥ୍ୟ ଶିବିରରେ ଡାକ୍ତରୀ ଯାଞ୍ଚ ସହ ମାଗଣା ଔଷଧ ବଣ୍ଟନ କରାଯାଏ। ମୁଖ୍ୟତଃ ବୃଦ୍ଧ, ମହିଳା ଏବଂ ଶିଶୁଙ୍କୁ ଏହି ଚିକିତ୍ସା ଶିବିରରେ ପ୍ରାଥମିକତା ଦିଆଯାଏ। ଟିପିଏସଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ ଗର୍ଗ କହିଛନ୍ତି, "ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ସ୍ଥାନୀୟ ଲୋକଙ୍କ ଏବଂ କର୍ମଚାରୀଙ୍କ ଉତ୍ତମ ସ୍ୱାସ୍ଥ୍ୟ ନିଶ୍ଚିତ କରିବା ପାଇଁ ଆମେ ଦୃଢ଼ ସଂକଳ୍ପବଦ୍ଧ। ବୌଦ୍ଧ ଏବଂ ଜୟପୁରରେ କାର୍ଯ୍ୟକ୍ଷମ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ୟୁନିଟ କେବଳ ଗୋଟିଏ ମେଡିକାଲ ମିଶନ ନୁହେଁ, ବରଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ସମସ୍ତଙ୍କୁ ସମାନ ସୁବିଧା ଯୋଗାଇବା ପାଇଁ ଏହା ଏକ ସଂକଳ୍ପ। ଆମେ ବିଶ୍ୱାସ କରୁ ଯେ ସ୍ୱାସ୍ଥ୍ୟ ସୁବିଧା ପାଇବା ପ୍ରତ୍ୟେକ ବ୍ୟକ୍ତିର ମୌଳିକ ଅଧିକାର ଏବଂ କମ୍ପାନୀର ପଦକ୍ଷେପ ମା୍ମମରେ ଏହାକୁ ବାସ୍ତବତାରେ ପରିଣତ କରିବା ପାଇଁ ଆମେ ପ୍ରତିବଦ୍ଧ। ସ୍ୱାସ୍ଥ୍ୟ କଲ୍ୟାଣ ଉପରେ ଗୁରୁତ୍ୱ ଦେଇ ଟିପିଏସଓଡିଏଲ୍ ଦକ୍ଷିଣ ଓଡ଼ିଶାର ଲୋକଙ୍କ ଜୀବନର ଗୁଣାତ୍ମକ ମାନ ବଢ଼ାଇବା ସହ ସାମାଜିକ କଲ୍ୟାଣ କ୍ଷେତ୍ରରେ ଏକ ଉଦାହରଣ ସାଜିଛି।

# ଗୁଡ୍ ମର୍ଣ୍ଣିଂ ରିପୋର୍ଟର







ସରୋଜ କୁମାର ଷଡଙ୍ଗୀ
ବରଗଡ଼

ସବୁଜ ବଳୟ ମଧ୍ୟରେ ଏଠାକାର ଶାନ୍ତ ଓ ମନୋରମ ପରିବେଶ ଦେଖାଣହାରୀଙ୍କ ମନକୁ ଦେଇଥାଏ ଶୀତଳ ଶାନ୍ତିର ବାର୍ତ୍ତା। ସରକାରୀ କାନ୍ଥ ଦେଉଛି ଅମୃତ ବଚନ ବାର୍ତ୍ତା। ସିମେଣ୍ଟ ପିଲରରେ ଝଲସୁଛି ଲୋକ ସଂସ୍କୃତି ଓ ପରମ୍ପରାର ଝଲକ। ନବବଧୂ ପରି ରଙ୍ଗବେରଙ୍ଗ ଫୁଲ ଓ ସବୁଜ ବଳୟରେ ସଜେଇ ହୋଇଛି ସମଗ୍ର ଅଫିସ ପରିସର।

## ଅଧ୍ୟାପିକାରୁ ଉଦ୍ୟୋଗୀ

ଦେବୀଦାନୀଙ୍କ ଆତ୍ମବିଶ୍ୱାସ, ଇଚ୍ଛାଶକ୍ତି, ସରକାରଙ୍କ ପ୍ରୋତ୍ସାହନରେ ଆଜି ଜଣେ ମହିଳା ଚାଷୀ ମହିଳା ଉଦ୍ୟୋଗୀ ଭାବେ ପରିଚିତ। ଏପରିକି ଜିଲ୍ଲାର ଶ୍ରେଷ୍ଠ ମହିଳା ଚାଷୀ ଭାବେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ପୁରସ୍କୃତ ହୋଇ ପାରିଛନ୍ତି। ଆଗକୁ ଅନେକ ଲକ୍ଷ୍ୟ ରଖିଛନ୍ତି। ଏହି ଫାର୍ମ ହାଉସରେ ଜୈବିକ ପଦ୍ଧତିରେ ପନିପରିବା ଓ ଅନ୍ୟାନ ଚାଷ କରିବା, ମସଲା ଜାତୀୟ, ଔଷଧ ଜାତୀୟ ବୃକ୍ଷ ଏକ ବଡ ଫାର୍ମ ସ୍ୱତନ୍ତ୍ର ଭାବେ କରିବାର ଲକ୍ଷ୍ୟ ରହିଛି। ଜଣେ ଫାର୍ମକୁ ଆସିଲେ ବୃକ୍ଷଲତା ସହ ପଶୁ ପକ୍ଷୀ ଦେଖି ସମୟ ଅତିବାହିତ କରି ପାରିବ। ମନୋରଞ୍ଜନ ସହ କିଛି ଜାଣିବା, ଶିଖିବାର ସମସ୍ତ ସୁବିଧା ରହିବ ବୋଲି ଦେବୀଦାନୀ କହିଛନ୍ତି।



ଶୁଭମ ଖଡିରତ୍ନ
ସମ୍ବଲପୁର

ମହିଳା ଚାଷୀ ଉଦ୍ୟୋଗୀ ଦେବୀଦାନୀ। ପିଲା ଦିନରୁ ରହିଥିଲା ପଶୁ, ପକ୍ଷୀ ପ୍ରତି ପ୍ରେମ। ପାଠ ପଢ଼ାରେ ମଧ୍ୟ ପାରଙ୍ଗମ। ସବୁ ଶ୍ରେଣୀରେ ଭଲ ମାର୍କ ରଖି ପାହାଚ ପାହାଚ ଡେଇଁ ଏମ ଫାର୍ମ ଭଳି ଏକ ସମ୍ମାନଜନକ ଡିଗ୍ରୀ ହାସଲ କରିଥିଲେ। କିଛି ଦିନ ପାଇଁ ଏକ ଘରୋଇ ଫାର୍ମାସୀ କଲେଜରେ ଅଧ୍ୟାପିକା ଭାବେ ମଧ୍ୟ କାମ କଲେ। ହେଲେ ପିଲାଦିନରୁ ଥିବା ପଶୁପକ୍ଷୀ ନିଶା ମନରେ ଯାଇ ନ ଥିଲା। ଶିକ୍ଷାଦାନକୁ ପେସା ଭାବେ ଆପଣେଇଥିଲେ ହେଲେ ନିଶା ଆଗରେ ପେସା ହାର ମାନିଯାଇଥିଲା। ଚାକିରି ଛାଡି ପଶୁପକ୍ଷୀକୁ ପାଳନ କରିବାକୁ ସହର ଉପକଣ୍ଠ ଜୟନ୍ତପୁର ପଞ୍ଚାୟତ (କେନ୍ଦୁଘାଟି) ପଣ୍ଡୁପାଲି ଗ୍ରାମ ନକଟରେ ରାମ ବାଟିକା ନାମରେ ଏକ ଫାର୍ମ ଆରମ୍ଭ କରିଥିଲେ। ଏହି ଫାର୍ମରେ ଏବେ ଏକାଧିକ ପଶୁ, ପକ୍ଷୀ ସହିତ ସୁନ୍ଦର ଫୁଲ, ଫଳ ଗଛ, ଔଷଧୀୟ ଗଛ ଲାଗିଛି। ଦେବୀଦାନୀଙ୍କ କହିବା ଅନୁସାରେ ପିଲାଟି ଦିନରୁ ଗଛ ଲତା ପଶୁ ପକ୍ଷୀଙ୍କୁ ସ୍ନେହ ପ୍ରେମ ଭଲପାଇବା ଥିଲା। ଚାକିରି ଛାଡ଼ି ନିଜସ୍ୱ ଏକ ଫାର୍ମ କଲେ। ସିନ୍ଦୁରପଙ୍କ ନିକଟସ୍ଥ କେନ୍ଦୁଘାଟିରେ ଏକ ଫାର୍ମ ଆରମ୍ଭ କଲେ ଏବେ ତାହା ୫୫ ଏକର ସ୍ଥାନରେ ପହଞ୍ଚିଯାଇଛି। ଫାର୍ମ ହାଉସ ଏବେ ଶ୍ରୀରାମ ବାଟିକା ଇକୋ ଟୁରିଜିମ ନାମରେ ନାମିତ ହୋଇଛି।

ରାଜ୍ୟ ସରକାରଙ୍କ ପ୍ରୋତ୍ସହନ ମଧ୍ୟ ମିଳିଛି। ଏବେ ପଶୁପକ୍ଷୀ ପାଳନ ସହ ଦୁର୍ଘଟଣାରେ ଆହତ ପଶୁ ପକ୍ଷୀଙ୍କୁ ନିଜ ଫାର୍ମକୁ ଆଣି ଚିକିତ୍ସିତ କରି ଯତ୍ନ ନିଅନ୍ତି। ପ୍ରଥମେ ଫାର୍ମରେ ହାତ ଗଣତି ପଶୁ ପକ୍ଷୀ ରହିଥିବା ବେଳେ ଏବେ ପ୍ରାୟ ୩୦ ପ୍ରଜାତିର ପକ୍ଷୀ ରଖିଛନ୍ତି। ଫାର୍ମରେ ଓଟ ପକ୍ଷୀ, ଏମୁ, ବତକ, ସେହିପରି କୁକୁଡାରେ ଦେଶୀ, ଟର୍କି, ବ୍ରହ୍ମା, କଡକନାଥ ଅଛନ୍ତି। ୮୫ ପ୍ରଜାତିର ଗାଇ ମଇଁଷି ରଖିଛନ୍ତି। ପ୍ରତିଦିନ ଶହେ ଲିଟରରୁ ଅଧିକ କ୍ଷୀର ଉତ୍ପାଦନ କରି ବିକ୍ରି କରୁଛନ୍ତି। ଗୋଲାପ, ଜାରବେରା, ଗ୍ଲାଡିଗ୍ଲୋସ ସହ ଅନ୍ୟ ପ୍ରଜାତିର ଫୁଲ ଗଛ ଲାଗିଛି। ଆମ୍ବ, ପିଜୁଳି, ନଡିଆ ଗଛ ସହ ପରିବା ଓ କଦଳୀ ଚାଷ ମଧ୍ୟ କରୁଛନ୍ତି। ଫାର୍ମରେ ବଣଭୋଜି କରିବାକୁ ସମସ୍ତ ସୁବିଧା ରହିଛି। ପର୍ଯ୍ୟଟକ ରହିବାକୁ ଆକର୍ଷଣୀୟ କଟେଜ ତିଆରି ହୋଇଛି। ୭ରୁ ୮ ପ୍ରଜାତିର ୫୦ରୁ ଅଧିକ ପାରା ଓ ୬୦ଟି ଏମୁ ପକ୍ଷୀ ଅଛନ୍ତି। ଏମୁ ପୌଷ୍ଟିକ ଖାଦ୍ୟ ପାଇବ ବୋଲି



ନିତିଦିନ ମକା, କୋବି ପତ୍ର କୁଣ୍ଡା ଦିଆଯାଉଛି। ପଶୁପକ୍ଷୀଙ୍କ ଖାଇବା ପାଇଁ ୪ ଏକର ଜମିରେ ପ୍ରୋଟିନ ଯୁକ୍ତ ସୁପର ଗ୍ରାସ ଚାଷ ହୋଇଛି। ୫୦୦ରୁ ଅଧିକ ଆମ୍ବ, ୪ଶହ ପିଜୁଳି, ୨ ଶହ ଲେମ୍ବୁ, ୩ ଶହ ନଡିଆ ଓ ଅନ୍ୟାନ ଫଳ ଗଛ ରହିଛି। ତାପମାତ୍ର ନିୟନ୍ତ୍ରଣ ବ୍ୟବସ୍ଥା କରି ଗୋଟିଏ ସ୍ଥାନରେ ବିଭିନ୍ନ ପ୍ରଜାତିର ଓ ରଙ୍ଗର ଗୋଲାପ ଫୁଲ ବଗିଚା ହୋଇଛି। ପାଖାପାଖି ୩ ହଜାରରୁ ୪ ହଜାର ଗଛ ରହିଛି। ନିତିଦିନ ସମ୍ବଲପୁର ବଜାରକୁ ୨ ହଜାରଟି ଫୁଲ ବିକ୍ରି ପାଇଁ ଆସିଥାଏ। ଏହା ସହ ସହରରେ ଥିବା ମନ୍ଦିର ଓ ବିଭିନ୍ନ ପୂଜା ମଣ୍ଡପକୁ ଫୁଲ ଯୋଗାଇ ଦେଇଥାନ୍ତି। ଦେଶୀ ବିଦେଶୀରୁ ପକ୍ଷୀ ଆଣି ଫାର୍ମରେ ରଖାଯାଉଛି। ଓଟ ଘୋଡା, ଗଧ, ଛେଳି ଚାଷ କରାଯାଉଛି। ଯାହା ଲୋକଙ୍କୁ ଦେଖିବା ପାଇଁ ଆମ ଫାର୍ମକୁ ଟାଣି ଆଣୁଛି ବୋଲି ଦେବୀଦାନୀ କହିଛନ୍ତି। ଆଗକୁ ଏଗ୍ରୋ ଇକୋ ଟୁରିଜିମର ଏହି ବିରାଟ ପ୍ରକଳ୍ପକୁ ଅଧିକ ବିକାଶ କରାଯିବ।

ଔଷଧୀୟ ବଗିଚା, ବାରମାସି ଫୁଲ ବଗିଚା, ମସଲା ବଗିଚା ତିଆରି କରିବାର ଯୋଜନା ରହିଥିବା କହିଛନ୍ତି। ହେଲେ ଆଗକୁ ଏକ ନିଆରା ଓ ଦୁଃସାହାସିକ ପାର୍କ ତିଆରି କରିବେ। ଯାହା ପୁଣି ପିଲାଙ୍କ ପାଇଁ ହାତ ପାହାନ୍ତାରେ ମିଳିବ। ଫାର୍ମକୁ କେବଳ ବୁଲିବା ପାଇଁ ନୁହଁ କିଛି ଶିକ୍ଷା ଲାଭ କରିପାରିବେ। ଘୋଡା ଚଢ଼ାଠୁ ଆରମ୍ଭ କରି ବିଭିନ୍ନ ପିଲାଙ୍କ ପାଇଁ ଖେଳକୁଦର ବ୍ୟବସ୍ଥା ରହିବ। ଯାହା ଲୋକଙ୍କୁ ଆକୃଷ୍ଟ କରିବ ବୋଲି ଦେବୀଦାନୀ କହିଛନ୍ତି। ନିଜେ ରେଜଗାରକ୍ଷମ ହେବା ସହ ୩୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ରୋଜଗାର ଦେଇପାରିଛନ୍ତି। ନିକଟରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧକ୍ଷ ଅସିତ ତ୍ରିପାଠୀ ତାଙ୍କ ଫାର୍ମ ପରିଦର୍ଶନ କରି ବହୁତ ଖୁସୀ ବ୍ୟକ୍ତ କରିଥିଲେ।



## ଗଛ ପ୍ରେମରେ ସରକାରୀ ଅଧିକାରୀ

ବୃକ୍ଷ ହିଁ ଜୀବନ। ସ୍ୱଚ୍ଛ ସବୁଜ ଆମ କାର୍ଯ୍ୟାଳୟ। ଚାଷୀ ହୁଅନ୍ତୁ କି ଯୁବପୀଢ଼ି କିମ୍ବା ଛାତ୍ରଛାତ୍ରୀ। ସମସ୍ତଙ୍କୁ ସବୁଜ ବଳୟର ନିଆରା ସଚେତନତା ବାର୍ତ୍ତା ଦେଉଛି ବରଗଡ଼ ଜିଲ୍ଲା ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ କାର୍ଯ୍ୟାଳୟ। ଯିଏ ଥରେ ଏହି ସରକାରୀ ଅଫିସକୁ ଆସିଲା ବାରମ୍ବାର ଆସିବାକୁ ମନେ କରିବ। ସରକାରୀ ଅଫିସ କାନ୍ଥ ଓ ସିମେଣ୍ଟ ପିଲର ଦେଉଛି ନୀତିବାଣୀ, ଅମୃତ ବଚନ ଓ ଲୋକ ସଂସ୍କୃତି ଏବଂ ପରମ୍ପରାର ସଚେତନତା ବାର୍ତ୍ତା। ଖାଲି ଏତିକି ନୁହେଁ। ଅଫିସ ପରିସରରେ ଦେଶି ଓ ବିଦେଶୀ ଫୁଲର ସମ୍ଭାର ଓ ପ୍ରାକୃତିକ ମନୋରମ ଦୃଶ୍ୟ ହୋଇଛି ମୁଖ୍ୟ ଆକର୍ଷଣ। କ୍ରୋଟନ, ଆରଲିଆ, ସର୍ବଜୟା, ଛୋଟ ଟଗର, କଇଁ, ସଦବାହାର, ଥୁଜା, ସାଇକସ, ଗେଣ୍ଡୁ, ସ୍ୱର୍ଣ୍ଣଧାରା, ଥାନବାରଜିଆ, ମଧୁମାଳତି, କାମ୍ବରେକମ ଇଣ୍ଡିକମ ଭଳି ରଙ୍ଗବେରଙ୍ଗ ଫୁଲ ହୋଇଛି ମନଲୋଭା। ଜୁଇ, ଯାଇ, ମଧୁମାଳତୀ, ସ୍ୱର୍ଣ୍ଣଧାରା, ସଦାବାହାର ଫୁଲରେ ମହକୁଛି ବରଗଡ଼ ଜିଲ୍ଲା ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ କାର୍ଯ୍ୟାଳୟ। ସରକାରୀ ଅଫିସ କାନ୍ଥ ଓ ସିମେଣ୍ଟ ପିଲର ଦେଉଛି ନୀତିବାଣୀ, ଅମୃତ ବଚନ ଓ ଲୋକ ସଂସ୍କୃତି ଏବଂ ପରମ୍ପରାର ସଚେତନତା ବାର୍ତ୍ତା। ସରକାରୀ କାମରୁ ଟିକିଏ ଫୁରସତ ପାଇଲେ ହତାରେ ରମ୍ଫା, ପାଣି ନେଇ ସବୁଜ ବଳୟର ସୁରକ୍ଷା ଓ ସ୍ୱଚ୍ଛ ସବୁଜ କାର୍ଯ୍ୟାଳୟ ଗଢ଼ିବା ପାଇଁ ଲାଗିପଡ଼ନ୍ତି ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଗୋବିନ୍ଦ ପଣ୍ଡା। ଫୁଲ ବଗିଚାର ମାଳି ଭଳି ଦିନରାତି ସେବାଯତ୍ନ କରି ସମଗ୍ର ରାଜ୍ୟ ପାଇଁ ଏକ ଭିନ୍ନ ଉଦାହରଣ ସୃଷ୍ଟି କରିଛନ୍ତି ଏହି ସରକାରୀ ଅଧିକାରୀ। ସବୁଜ ବଳୟ ମଧ୍ୟରେ ଏଠାକାର ଶାନ୍ତ ଓ ମନୋରମ ପରିବେଶ ଦେଖାଣହାରୀଙ୍କ ମନକୁ ଦେଇଥାଏ ଶୀତଳ ଶାନ୍ତିର ବାର୍ତ୍ତା। ଚାଷୀ, ହୁଅନ୍ତୁ କି ଛାତ୍ରଛାତ୍ରୀ ଏଠାକାର ପ୍ରାକୃତିକ ଦୃଶ୍ୟକୁ ମୋବାଇଲ କ୍ୟାମେରାରେ କଏଦ କରିବା ପାଇଁ ନେଇଥାନ୍ତି ସେଲଫିର ମଜା।



ଦୁର୍ଘଟଣା ଦେଇଛି ସ୍ୱାବଲମ୍ବୀ ପ୍ରେରଣା

## ଜୈବିକ ଉପାୟରେ ତରଭୁଜ ଚାଷ



ସୁକାନ୍ତ କୁମାର ଦାଶ
ରାଜକନିକା

ଇଚ୍ଛା ଥିଲା କମ୍ପାନୀର ମେସିନ ଅପରେଟର ହେବାକୁ। ବାହାର ରାଜ୍ୟରେ କାମ କରି ଦି ପଇସା ରୋଜଗାର ପାଇଁ ହାଇଦ୍ରାବାଦ ଗଲେ। ସେଠାରେ କମ୍ପାନୀରେ ଜଏନ କରିବାକୁ ଯିବା ବାଟରେ ହେଲା ସଡ଼କ ଦୁର୍ଘଟଣା। ଗୁରୁତର ଅବସ୍ଥାରେ ଭୁବନେଶ୍ୱରକୁ ଫ୍ଲାଇଟରେ ଆସି ଚିକିତ୍ସା ହେବା ପରେ ଆଉ ବାହାରକୁ ଯିବାକୁ ମନ ବଳିଲାନି। ଗାଁରେ ରହି ଦୁଇ ପଇସା ରୋଜଗାର କରିବାର ଉଦ୍ୟମ ଆରମ୍ଭ ହେଲା। ନୂଆ କୌଶଳରେ ତରଭୁଜ ଚାଷ କରି ରାଜକନିକା ବ୍ଲକ କାଟଣାବଣିଆ ପଞ୍ଚାୟତର ସିଙ୍ଗିରି ଗାଁ ମାନସ ରଞ୍ଜନ ଦାସ ଜଣେ ସଫଳ ଚାଷୀ ଭାବେ ବେଶ ପରିଚିତ ହୋଇପାରିଛନ୍ତି।

୨୦୧୯ ମେ ମାସ ୨୨ ତାରିଖରେ ଘରୁ ହାଇଦ୍ରାବାଦ ଯାଇ ସେଠାରୁ କମ୍ପାନୀ ଯିବା ବାଟରେ ୨୪ ତାରିଖ ଦୁର୍ଘଟଣା ଘଟିବା ଓ ଚିକିତ୍ସା ସରିବା ବେଳକୁ କରୋନା ମାଡି ଆସିଲା, ତା ପରଠୁ ମାନସ ଆରମ୍ଭ କଲେ ନୂଆ କୌଶଳରେ ତରଭୁଜ ଚାଷ। ସେହିଦିନଠୁ ଆଉ କେବେ ବି ପଛକୁ ଫେରି ନାହାନ୍ତି ଯୁବ ଚାଷୀ ମାନସ ରଞ୍ଜନ ଦାସ। ବାପା ମା ଙ୍କର ଏକମାତ୍ର ପୁଅ ଭାବରେ ମାନସ ଯୁକ୍ତ ଦୁଇ ପରେ ଆଇଟିଆଇ ଓ ପରେ ଇଫୋସିଟିରେ ସାର୍ଟିଫିକେଟ ଇନ ଆଡ଼ଭାନ୍ସ ମେସିନିଙ୍ଗରେ କୋର୍ସ କରି ହାଇଦ୍ରାବାଦରେ ଏକ କମ୍ପାନୀରେ ଅପରେଟର ଭାବରେ ଯୋଗ ଦେବାକୁ ଯାଇ ଦୁର୍ଘଟଣାର ସମ୍ମୁଖୀନ ହେବା ପରେ ନିଜ ନିଷ୍ପତ୍ତି ବଦଳାଇ ଚାଷରେ ମନ ଦେଇ ଆଜି ଜଣେ ସଫଳ ଚାଷୀ ଭାବରେ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ବାପାଙ୍କ ପନିପରିବା ଚାଷକୁ ଏତେ ଗୁରୁତ୍ୱ ନଦେଇ ନଦୀ ଅବବାହିକାର ଜୟକୁଣ୍ଡା, ପତରପୁର ମୌଜାର ପାରମ୍ପରିକ ତରଭୁଜ ଚାଷ ଅଞ୍ଚଳ ଛାଡି ନିଜ ସିଙ୍ଗିରି ମୌଜାର ନିଜ ଜମିରେ ପ୍ରଥମ ବର୍ଷ ମାତ୍ର ୧୨ ଗୁଣ୍ଠ ଜମିରେ ଆରମ୍ଭ କଲେ ଜୈବିକ ଉପାୟରେ ତରଭୁଜ ଚାଷ।

ପ୍ରଥମ ବର୍ଷ ବେଶ ଭଲ ଫସଲ ହେବା ପରେ ୨ୟ ବର୍ଷ ଫସଲରେ ବର୍ଷା ବାଧକ ସାଜିଲା। ପରେ ୩ୟ ବର୍ଷ ୩ ଏକର ଆଉ ଚଳିତ ବର୍ଷ ୪ ଏକର ଜମିରେ ତରଭୁଜ ଚାଷ କରି ସମସ୍ତଙ୍କୁ ଚକିତ କରିଦେଇଛନ୍ତି ମାନସ। ନଦୀ ପଠାରେ କେବଳ ଯେ ତରଭୁଜ ଚାଷ ହୋଇ ପାରିବ ଏ ଧାରଣାକୁ ଭୁଲ ପ୍ରମାଣିତ କରି ମାନସ ନିଜ ଚାଷରେ ବେଶ ଲାଭବାନ ହେବା ସହ ସ୍ଥାନୀୟ ଅଞ୍ଚଳ ଚାଷୀଙ୍କୁ ପ୍ରେରଣା ଦେଇଛନ୍ତି। ଜୈବିକ ପଦ୍ଧତିରେ ଚାଷ କରିବା ସହ ନିଜ ଅମଳ ତରଭୁଜର ମଞ୍ଜିକୁ ସାଇତି ପୁଣି ସେଇ ମଞ୍ଜିରୁ ତରଭୁଜ ଚାଷ କରିବାର ନିଆରା କୌଶଳ ଆପଣାଇ ମାନସ ଏବେ ଜଣେ ସଫଳ କୃଷି ଉଦ୍ୟୋଗୀ ହୋଇପାରିଛନ୍ତି। ଏବେ ଜୀବନର ଏକ ଦୁର୍ଘଟଣାରୁ ଚାଷ ପ୍ରତି ଆକୃଷ୍ଟ ହୋଇ ମାଟି ସହ ଲଢ଼ି ନିଜେ ରୋଜଗାରକ୍ଷମ ହେବା ସହ ଅନ୍ୟମାନଙ୍କୁ ରୋଜଗାର ଦେଇ ଉଭୟ ବାପା ଓ ପୁଅ ବେଶ ସନ୍ତୁଷ୍ଟ ଥିବା କହିଛନ୍ତି।



ବୃକ୍ଷ ପ୍ରେମରେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜୟକୃଷ୍ଣ ନାୟକ। ଚାକିରି କାଳରେ ବିଦ୍ୟାଳୟ ଗୁଡ଼ିକର ପରିବେଶକୁ ସୁବୁଜିମାମୟ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବା ଜୟକୃଷ୍ଣ ସାର ଅବସର ପରେ ନିଜ ବାଡିବଗିଚାକୁ ଦେଇଛନ୍ତି ଉଦ୍ୟାନର ରୂପ। ପକ୍ଷୀମାନଙ୍କ ପାଇଁ ସୃଷ୍ଟି କରିଛନ୍ତି ଅଭୟାରଣ୍ୟ। ଗଛଲଗାଇ ପରିବେଶ ବଞ୍ଚାଇବାକୁ ଅନ୍ୟମାନଙ୍କୁ ଯୋଗାଉଛନ୍ତି ପ୍ରେରଣା।

## ଅବସର ପରେ ଗଛ ସେବା



ଉମାକଲ୍ୟାଣ ମହାପାତ୍ର
ଭଦ୍ରକ

ଜୟକୃଷ୍ଣ ସାର, ଚାନ୍ଦବାଲି ଶିକ୍ଷା ବିଭାଗ, ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ପରିଚିତ ନାମ। ୬୫ବର୍ଷର ଜୟକୃଷ୍ଣ ସାରଙ୍କ ଘର ଚାନ୍ଦବାଲି ବ୍ଲକ ମୌସୁଧା ଗାଁରେ। ଜଣେ ସଚ୍ଚୋଟ, କର୍ମଠ, କର୍ତ୍ତବ୍ୟନିଷ୍ଠ, ସମାୟାନୁବର୍ତ୍ତିତା ଓ ପରିବେଶ ପ୍ରେମୀ ଭାବେ ବେଶ ଜଣାଶୁଣା। ସହକାରୀ ଶିକ୍ଷକ ରୂପେ ନିଜର ଶିକ୍ଷାକତା ଜୀବନ ଆରମ୍ଭ କରି ସହଶିକ୍ଷାଧିକାରୀ ଭାବେ କାର୍ଯ୍ୟରୁ ଅବସର ଗ୍ରହଣ କରିସାରିଛନ୍ତି। ଚାକିରି କାଳ ମଧ୍ୟରେ ଶିକ୍ଷା ବିଭାଗର ବିଭିନ୍ନ ପଦ ପଦବୀରେ ନିଜର ପାରଦର୍ଶିତା ପାଇଁ ମଧ୍ୟ ସମ୍ମାନିତ ହୋଇଛନ୍ତି। ଶିକ୍ଷାକତା ସମୟରେ ବିଦ୍ୟାଳୟ ଗୁଡିକ ସବୁଜମୟ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ଅବସରରେ ପରେ ନିଜ ବଗିଚାରେ ବିଭିନ୍ନ ପ୍ରକାରର ଗଛ ଯଥା- ବିଭିନ୍ନ ପ୍ରଜାତିର ଆମ୍ବ, ପଣସ, କୋଳି, ଅମୃତଭଣ୍ଡା, ବିବିଧ ପନିପରିବ। ଚାଷ କରି ଏକ ସବୁଜ ବଳୟ ସୃଷ୍ଟି କରି ଅନ୍ୟମାନଙ୍କୁ ପ୍ରଭାବିତ କରି ପାରିଛନ୍ତି। ଏଥି ସହିତ ପୋଖରୀ କୂଳରେ ବଡ ବଡ ଗଛ ଲଗାଇ ପକ୍ଷୀଙ୍କ ପାଇଁ ସୃଷ୍ଟି କରିଛନ୍ତି ଅଭୟାରଣ୍ୟ। ସମସ୍ତେ ନିଜ ନିଜ ବାଡ଼ି ବଗିଚାକୁ ସୁବୁଜିମାମୟ କରି ପରିବେଶ ସୁରକ୍ଷା କରିବାକୁ ଆହ୍ୱାନ କରୁଛନ୍ତି। କେବଳ ଆହ୍ୱାନ ନୁହଁ, ସଚେତନ ମଧ୍ୟ କରୁଛନ୍ତି। ମୁଖ୍ୟତଃ ଯୁବକମାନେ ଏ ଦିଗରେ ଅଧିକ ମନୋନିବେଶ କରିବାକୁ ସେ ନିୟମିତ ପରାମର୍ଶ ଦେଇ ଆସୁଛନ୍ତି। ଜୟକୃଷ୍ଣ ସାରଙ୍କ ଏକମାତ୍ର ପୁଅ ବିଦେଶରେ। ବୃକ୍ଷପ୍ରେମୀ ପରିବାର କହିଲେ ନିଜ ବଗିଚାର ବୃକ୍ଷମାନଙ୍କୁ ନିଜ ପୁଅ, ଝିଅ ଓ ପରିବାରର ସଦସ୍ୟ ଭଳି ସ୍ନେହ ଭଲପାଇବା ଦେଇ ଯତ୍ନ ନିଅନ୍ତି। ପ୍ରତିଦିନ ମାଟି ହାଣିବା, ପାଣିଦେବା, ଜୈବିକ ଖତ ସାର ଦେଇ ଗଛ ଗୁଡିକୁ ଛୋଟରୁ ବଡ଼ କରନ୍ତି। ବିଭିନ୍ନ ପ୍ରକାରର ଚାରା ସଂଗ୍ରହ କରି ବଗିଚାକୁ ପରିପୂର୍ଣ୍ଣ କରି ଖୁସି ହୁଅନ୍ତି। ସନ୍ଧ୍ୟା ହେଲେ ପକ୍ଷୀମାନଙ୍କର କିଚିରି ମିଚିରି ଶବ୍ଦରେ ନିଜକୁ ହଜାଇ ଲେଖନୀ ଧରି କବିତା ରଚନା କରନ୍ତି। ବିଭିନ୍ନ ସଭା ସମିତି ହେଉ ବା ସାହିତ୍ୟାନୁଷ୍ଠାନ ସୁବୁଠି ବୃକ୍ଷରୋପଣ ପାଇଁ ଉତ୍ସାହିତ କରନ୍ତି। ସେଥିପାଇଁ ତାଙ୍କୁ ସମସ୍ତେ ବୃକ୍ଷ ମଣିଷ ବୋଲି କୁହନ୍ତି।



## କୋଟଗଡ଼ରେ ପଞ୍ଚଶମ୍ଭୁ ମିଳନ

**ବାଲିଗୁଡ଼ା,୬।୪(ସମିସ):** କନ୍ଧମାଳ ଜିଲ୍ଲା କୋଟଗଡ଼ରେ ପଞ୍ଚଶମ୍ଭୁ ମିଳନ ହୋଇଥିଲା। କୋଟଗଡ଼ ବଜାର କମିଟି ପକ୍ଷରୁ ପଞ୍ଚଶମ୍ଭୁ ମିଳନ ଉତ୍ସବ ହୋଇଥିବା ବେଳେ ବାଲିଗୁଡ଼ା ପଞ୍ଚୁ ଦଣ୍ଡ କମିଟି ଲୋକନାଥ ପାଢ଼ୀ ଏବଂ ଅନ୍ୟ ସଦସ୍ୟ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ପଞ୍ଚଶମ୍ଭୁ ମିଳନରେ ଦଣ୍ଡରଦର, ବାଲିଗେଡା, କଲମପୁର, ବେନାରବାହାଲ, ମୁନିଗୁଡ଼ା ଦଣ୍ଡ ଦଳ ସାମିଲ ହୋଇଥିଲେ। ଦିନବେଳେ ଦଣ୍ଡ ଚରିତ୍ର ପରିବେଷଣ ହୋଇଥିବା ବେଳେ, ଦଣ୍ଡପଦର ଦଣ୍ଡ ଦଳ ପ୍ରସ୍ତୁତ ନୃତ୍ୟ ଆକର୍ଷଣୀୟ ହୋଇଥିଲା।

## ବଣିକ ସଂଘର ପଣା ବଣ୍ଟନ




**ରାଇକିଆ,୬।୪(ସମିସ):** କନ୍ଧମାଳ ଜିଲ୍ଲା ରାଇକିଆରେ ବଣିକ ସଂଘ ପକ୍ଷରୁ ପଣା ବଣ୍ଟନ କରାଯାଇଥିଲା। ସଭାପତି ପଦ୍ମଚରଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କୁ ପଣା ବଣ୍ଟନ କରାଯାଇଥିଲା। ସଂପାଦକ ଦୁର୍ଯ୍ୟୋଧନ ଲେଙ୍କା, ମହେନ୍ଦ୍ର ପାତ୍ର, କୃଷ୍ଣ ସାହୁ ଏବଂ ଅନ୍ୟ ସଦସ୍ୟ ସହଯୋଗ କରିଥିଲେ।

## ତୁମୁଡ଼ିବନ୍ଧରେ ଜଳୁଛି ଜଙ୍ଗଲ



**ବାଲିଗୁଡ଼ା,୬।୪(ସମିସ):** ଜଙ୍ଗଲ ବଞ୍ଚାଅ ଜୀବନ ବଞ୍ଚାଅ ଏହିପରି ନାରା ଦେଇ ବନ ବିଭାଗ ପକ୍ଷରୁ ସଚେତନତା କରାଯାଉଛି। କିନ୍ତୁ ଏବେ ଏହା କେବଳ ନାରା ରହି ଯାଇଥିବା ଦେଖିବାକୁ ମିଳୁଛି। ବିଶେଷ କରି ବାଲିଗୁଡ଼ାର ତୁମୁଡ଼ିବନ୍ଧ ଏବଂ କୋଟଗଡ଼ରେ ନିଆଁ ଯୋଗୁଁ ଜଙ୍ଗଲ ନଷ୍ଟ ହେଉଛି। ୫ ଦିନ ହେଲାଣି ତୁମୁଡ଼ିବନ୍ଧ ବନାଞ୍ଚଳ ଜଙ୍ଗଲରେ ନିଆଁ ଲାଗିଛି। ବନ୍ୟଜନ୍ତୁଙ୍କ ସହ ଜନସାଧାରଣଙ୍କ ଉପରେ ପ୍ରଭାବ ପକାଇଛି। କୋଟଗଡ଼ର ସୀମାନ୍ତ ଅଞ୍ଚଳ ଠାରୁ ଆରମ୍ଭ କରି ବାଲିଗୁଡ଼ା ସୀମାନ୍ତ ଅଞ୍ଚଳରେ ନିଆଁ ଲାଗିଛି। ଏଥିରେ ରାସ୍ତା ଘାଟ ଧୂଆଁମୟ ହୋଇ ପଥଚାରୀଙ୍କୁ ପ୍ରଭାବିତ କରୁଛି। ଏ ସମ୍ପର୍କରେ ତୁମୁଡ଼ିବନ୍ଧ ରେଞ୍ଜରଙ୍କ ଦୃଷ୍ଟି ଆକର୍ଷଣ କରାଯିବାରେ ନିଆଁ ରୋକବା ପାଇଁ ଅନେକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଲାଗିଥିବା ନିଆଁକୁ ଆୟତ୍ତ କରାଯିବ ବୋଲି କହିଛନ୍ତି।

## ଦାରିଙ୍ଗବାଡ଼ି ଗୋଷ୍ଠୀ ଶିକ୍ଷା ଅଧିକାରୀ ହେଲେ ହାଡ଼ିବନ୍ଧୁ



**ଦାରିଙ୍ଗବାଡ଼ି,୬।୪(ସମିସ):** ଶିକ୍ଷକଙ୍କ ଏନ୍‌ପିଏସ ଟଙ୍କା ହଡ଼ପ କରି ଗୋଷ୍ଠୀ ଶିକ୍ଷା ଅଧିକାରୀ ରସାନନ୍ଦ କର ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ କୋର୍ଟ ଚାଲାଣ ହେବା ପରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗତ ୨ ତାରିଖରେ ତାଙ୍କୁ ନିଲମ୍ବିତ କରାଯାଇଛି। ଏହାପରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବିଭାଗ ପକ୍ଷରୁ ରାଇକିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡ଼ିବନ୍ଧୁ ବେହେରାଙ୍କୁ ଦାରିଙ୍ଗବାଡ଼ି ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ଏଥି ସହିତ ଆର୍ଥିକ କ୍ଷମତା ମଧ୍ୟ ପ୍ରଦାନ କରାଯାଇଛି। ଏନେଇ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବିଭାଗ ପକ୍ଷରୁ କନ୍ଧମାଳ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଚିଠି କରାଯାଇଛି।

### ଜିଲ୍ଲାସ୍ତରୀୟ ଗ୍ରୀଷ୍ମ ପ୍ରବାହ ପରିଚାଳନା ପ୍ରସ୍ତୁତି ବୈଠକ

# ବିଭାଗୀୟ ଅଧିକାରୀ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ




**ପାରଳାଖେମୁଣ୍ଡି,୬।୪(ସମିସ):** ଗଜପତି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଗ୍ରୀଷ୍ମ ପ୍ରବାହ ପରିଚାଳନା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ଜୁନ୍ ମାସ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାର ସମସ୍ତ ଲାଇନ୍ ବିଭାଗୀୟ ଅଧିକାରୀ ପ୍ରସ୍ତୁତ ରହିବାକୁ କୁହାଯାଇଛି। ଗ୍ରୀଷ୍ମ ପ୍ରବାହ ମାସରେ ସମସ୍ତ ଜନସାଧାରଣ ସତର୍କ ରହିବା ଓ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଅଂଶୁଘାତ ନିୟନ୍ତ୍ରଣ ପାଇଁ କିପରି ପ୍ରସ୍ତୁତି ହେବା ଆବଶ୍ୟକ ସେ ବିଷୟରେ ଜିଲ୍ଲାର ଲାଇନ୍ ବିଭାଗୀୟ ଅଧିକାରୀମାନଙ୍କ ସହ ପୁଙ୍ଖାନପୁଙ୍ଖ ଆଲୋଚନା କରଯାଇଥିଲା। ସମସ୍ତ ଲାଇନ୍ ବିଭାଗୀୟ ଅଧିକାରୀଙ୍କୁ ଗ୍ରୀଷ୍ମ ପ୍ରବାହ ପରିଚାଳନା କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରୀଷ୍ମ ପ୍ରବାହ ଯୋଗୁଁ ଅଂଶୁଘାତ ହୋଇ ଜୀବନ ପ୍ରତି ବିପଦ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ଭଳି ସମସ୍ୟା ନହେବାକୁ ଦେବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ପକ୍ଷରୁ ଉପଯୁକ୍ତ ପରିମାଣ ଓଆରଏସ ପ୍ୟାକେଟ ଓ ଔଷଧ ମହଜୁଦ ରଖିବା ସହିତ ସଜାଗ ରହିବାକୁ କୁହାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ କରାଯିବା ସହ ଅଂଶୁଘାତ ରୋଗୀଙ୍କ ପାଇଁ ସମସ୍ତ ପ୍ରକାର ଆଶୁ ଚିକିତ୍ସା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାପାଇଁ କୁହାଯାଇଛି।

ସେହିପରି ସମସ୍ତ ଗ୍ରାମାଞ୍ଚଳ, ପାରଳାଖେମୁଣ୍ଡି ପୌରପରିଷଦ, କାଶୀନଗର ଏନ୍‌ଏସି, ସମସ୍ତ ବ୍ଲକ ପକ୍ଷରୁ ବିଭିନ୍ନ ଜାଗାରେ ଜଳଛତ୍ର ଖୋଲା ଯିବାକୁ ପରାମର୍ଶ ଦିଆଯାଇଛି। ଗ୍ରୀଷ୍ମ ପ୍ରବାହରେ ପାନୀୟ ଜଳ ସମସ୍ୟା ସୃଷ୍ଟି ହେବା ସମ୍ଭାବନା ରହିଥିବାରୁ ଖରାପ ଥିବା ନଳ କୂଅକୁ ତୁରନ୍ତ ମରାମତି କରିବାକୁ କୁହାଯାଇଛି। ସେହିପରି ଜିଲ୍ଲାର ସମସ୍ତ ସ୍କୁଲ ସକାଳ ୬ଟା ୩୦ରୁ ୧୦ଟା ୩୦ ପର୍ଯ୍ୟନ୍ତ ଖୋଲିବା ଓ ଅଙ୍ଗନବାଡ଼ି କେନ୍ଦ୍ର ସକାଳ ୬.୩୦ଠାରୁ ୯.୩୦ ପର୍ଯ୍ୟନ୍ତ ଖୋଲିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରମିକଙ୍କ କାର୍ଯ୍ୟ ସରକାରଙ୍କ ସମୟ ସାରଣୀ କରିବାକୁ କୁହାଯାଇଛି। ଗ୍ରୀଷ୍ମ ଋତୁରେ ପଶୁପକ୍ଷୀଙ୍କ ଯତ୍ନ ନେବା, ଜୀବନ ରକ୍ଷକ ଔଷଧ ମହଜୁଦ ରଖିବା, ଜୀବଜନ୍ତୁଙ୍କ ସୁରକ୍ଷା, ଜଙ୍ଗଲ ସୁରକ୍ଷା ଇତ୍ୟାଦି ବିଷୟ ପ୍ରତି ଦୃଷ୍ଟି ଦେବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। ସେହିପରି ଅଂଶୁଘାତରେ କାହାର ମୃତ୍ୟୁ ହେଲେ ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ବୈଠକରେ ଅତିରିକ୍ତ ଜିଲ୍ଲାପାଳ ବୀରେନ୍ଦ୍ର କୁମାର ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଡ.ଗୁଣନିଧି ନାୟକ, ଉପଜିଲ୍ଲାପାଳ ଅନୁପ ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ପ୍ରଦୀପ କୁମାର ପାତ୍ର, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଜଗନ୍ନାଥ ପାଢ଼ୀ ଓ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପରାମର୍ଶଦାତା ପ୍ରଦୋଷ କୁମାର ଶତପଥୀଙ୍କ ସମେତ ଜିଲ୍ଲାର ସମସ୍ତ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମେତ ସମସ୍ତ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

■ ବ୍ଲକ ଶିକ୍ଷା ଅଧିକାରୀଙ୍କ ତ୍ରୁଟିପୂର୍ଣ୍ଣ ରିପୋର୍ଟ ପ୍ରଦାନ

# ବକେୟା ଦରମା ପାଇବାରୁ ବଞ୍ଚିତ ୧୧୭ ପାଚିକାଙ୍କ ସହାୟିକା



**କାଶୀନଗର,୬।୪(ସମିସ):** ଗଜପତି ଜିଲ୍ଲା କାଶୀନଗର ବ୍ଲକ୍ ଓ ଏନ୍‌ଏସିରେ ଥିବା ବିଭିନ୍ନ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ପାଇଁ କାର୍ଯ୍ୟରତ ପାଚିକା ଓ ସହାୟିକାଙ୍କୁ ଦରମା ଗତ ୨୦୦୯ରୁ ୨୦୧୨ ମଧ୍ୟରେ ହୋଇନଥିବା ବେଳେ ଦୀର୍ଘ ବର୍ଷ ପରେ ସେମାନଙ୍କ ଦରମା ପ୍ରଦାନ କରାଯାଇଥିଲା। କିନ୍ତୁ ରାଜ୍ୟ ସାରା ସମ୍ପୂର୍ଣ୍ଣ ଭାବେ ଦରମା ଯୋଗାଇ ଦିଆଯାଇଥିବା ବେଳେ, ଗଜପତି ଜିଲ୍ଲା କାଶୀନଗର ବ୍ଲକ ଓ ଏନ୍‌ଏସିରେ ଦେଖିବାକୁ ମିଳିଛି ଏହାର ବ୍ୟତିକ୍ରମ। ଏନେଇ କାଶୀନଗର ମଦନମୋହନ ମନ୍ଦିର ନିକଟରେ ଭାରତୀୟ ମଜଦୂର ସଂଘ ଜିଲ୍ଲା ସମ୍ପାଦକ ସୁଜିତ୍ ପ୍ରଧାନଙ୍କ ନେତୃତ୍ୱରେ କାଶୀନଗର ବ୍ଲକ ଓ ଏନଏସିର ପାଚିକା ଓ ସହାୟିକାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଶ୍ରୀ ପ୍ରଧାନ କହିଛନ୍ତି ଯେ, ସରକାର ଯୋଗାଇ ଦେଇଥିବା ଟଙ୍କା ୧୧୭ ଜଣ ପାଚିକା ପାଇଁ ଆସିଥିବା ବେଳେ ସହାୟିକାଙ୍କ ସଂଖ୍ୟା ଶୂନ ହେଲା କେମିତି? ସାରା ରାଜ୍ୟରେ ପାଚିକା ମାନଙ୍କ ପାଖରେ ସହାୟିକା ରହିଥିବା ବେଳେ ଗଜପତି ଜିଲ୍ଲାରେ ମଧ୍ୟ ସମସ୍ତ ପାଚିକାଙ୍କ ପାଇଁ ସହାୟିକା ରହିଛନ୍ତି। କିନ୍ତୁ କାଶୀନଗର ବ୍ଲକ ଓ ଏନଏସିରେ ପାଚିକାଙ୍କ ପାଇଁ ସହାୟିକା ରହିଥିଲେ ବି ଜଣେ ବି ସହାୟିକାଙ୍କ ତାଲିକା କାଶୀନଗର ବ୍ଲକ ଶିକ୍ଷା ଅଧିକାରୀ ଦର୍ଶାଇ ନ ଥିବା ଅଭିଯୋଗ ହେଉଛି। ଏହି କାରଣରୁ ପାଚିକା ସହାୟିକା ବକେୟା ଦରମା ପାଇବାରୁ ବଞ୍ଚିତ ରହିଛନ୍ତି। ଗତ ବର୍ଷ ଜୁନ ମାସରେ କାଶୀନଗର ବ୍ଲକ ଶିକ୍ଷା ଅଧିକାରୀ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟକୁ କେବଳ ୧୧୭ ଜଣ ପାଚିକାଙ୍କ ତାଲିକା ପଠାଇଥିବା ବେଳେ ସହାୟିକାଙ୍କ ନାମ ଉଲ୍ଲେଖ କରି ନ ଥିବା ଅଭିଯୋଗ ହେଉଛି। ୧୧୭ ଜଣ ସହାୟିକାଙ୍କ ଦରମା ବାବଦରେ ପ୍ରାୟ ୧୬ ଲକ୍ଷ ୮୪ ହଜାର ୮୦୦ ଟଙ୍କା ହେର୍‌ଫେର୍ ହୋଇଥିବା ନେଇ ସନ୍ଦେହ କରୁଛି ମଜୁଦର୍ ସଂଘ। ଏନେଇ ପାଚିକା ସହାୟିକା ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିବା ପରେ ବି କୌଣସି ପଦକ୍ଷେପ ନେଇ ନ ଥିବା ଯୋଗୁଁ ଭାରତୀୟ ମଜୁଦର୍ ସଂଘ ସହିତ ପାଚିକା ସଂଘ ଜିଲ୍ଲା ପ୍ରଶାସନକୁ ଆନ୍ଦୋଳନାତ୍ମକ ପନ୍ଥାରେ ଦାବିପତ୍ର ଦେବା ନେଇ ଚେତାବନୀ ଦେଇଛନ୍ତି।

# ମା' କୁରେଇଶୁଣି ମନ୍ଦିରରେ ପୂଜାର୍ଚ୍ଚନା କରି ପ୍ରଚାର ଆରମ୍ଭ କଲେ ଅନ୍ତର୍ଯ୍ୟାମୀ ଗମାଙ୍ଗ



**ରାୟଗଡ଼,୬।୪(ସମିସ):** ଗଜପତି ଜିଲ୍ଲା ମୋହନା ନିର୍ବାଚନମଣ୍ଡଳୀ ଆଦିବାସୀ ପ୍ରାର୍ଥୀଙ୍କ ନିମନ୍ତେ ସଂରକ୍ଷିତ ଥିବାବେଳେ ବର୍ତ୍ତମାନ ବିଜେଡି ଓ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯାଇଛି। ବିଜେପି ଏ ଯାଏଁ ପ୍ରାର୍ଥୀ ଘୋଷଣା କରିନାହିଁ। ଚଳିତ ସାଧାରଣ ନିର୍ବାଚନରେ ଗଜପତି ଜିଲ୍ଲାର ମୋହନା ବିଧାନସଭା ଆସନ ପାଇଁ ଅନ୍ତର୍ଯ୍ୟାମୀ ଗମାଙ୍ଗଙ୍କୁ ବିଜେଡି ପ୍ରାର୍ଥୀ କରିଥିବା ବେଳେ ଶନିବାର ସେ ଦଳୀୟ ସମର୍ଥକଙ୍କ ସହିତ ନିଜ ଗାଁ ମୁରେଇ ସାହି ଯାଇ ଗ୍ରାମଦେବୀ ଠାକୁରାଣୀ ଲୋହଣି ଦେବୀଙ୍କ ପୀଠରେ ପୂଜାର୍ଚ୍ଚନା କରିଥିଲେ। ସେଠାରୁ ସେ ତାଙ୍କ ଘର ଇଷ୍ଟଦେବୀ ରାମଗିରି କୁରେଇଶୁଣି ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ଏହାପରେ ମନ୍ଦିର ନିକଟସ୍ଥ ମଣ୍ଡପରେ ଜନପ୍ରତିନିଧି, ଦଳୀୟ କର୍ମୀ ଓ ସମର୍ଥକଙ୍କ ସହ ଆଲୋଚନା କରିଥିଲେ। ଶ୍ରୀ ଗମାଙ୍ଗଙ୍କୁ ବିଭିନ୍ନ ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ସେ ପ୍ରଥମ କରି ରା. ଉଦୟଗିରି ବ୍ଲକର ରାମଗିରିଠାରୁ ବହୁ ସମର୍ଥକଙ୍କ ଉପସ୍ଥିତିରେ ପ୍ରଚାର ଆରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ମୋତେ ସୈନିକ ଭାବେ ଯେଉଁ ନିର୍ବାଚନମଣ୍ଡଳୀର ଦାୟିତ୍ୱ ଦେଇଛନ୍ତି ତାକୁ ଠିକ ଭାବେ ସହଯୋଗୀଙ୍କୁ ନେଇ ତୁଲାଇବେ ବୋଲି କହିଥିଲେ। ଏହା ପରେ ସେ ସବୁ ବ୍ଲକକୁ ଯାଇ ପ୍ରଚାର କରିବେ ବୋଲି ପ୍ରକାଶ କରିଛନ୍ତି। ଏହି ଅବସରରେ ରାୟଗଡ଼ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ, ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ନୂଆଗଡ଼ ବ୍ଲକର ଉପାଧ୍ୟକ୍ଷ ନିହିମିୟ ରାଇକା, ଆର୍. ଉଦୟଗିରି ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଶବରଙ୍କ ସମେତ ବ୍ଲକ ସଭାପତି, ପଞ୍ଚାୟତ ପ୍ରତିନିଧି, ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଆର.ଉଦୟଗିରି ବ୍ଲକ ବିଜେଡି ସଭାପତି ଭୀମ ପାଇକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବହୁଚର୍ଚ୍ଚିତ ବସ୍ୟାନନ୍ଦ ଦିଗାଲ ହତ୍ୟା ଘଟଣା

# ଏସ୍‌ପିଙ୍କୁ ଗୁହାରି କଲେ ପରିବାର ଲୋକେ

### ଚର୍ଚ୍ଚାରେ ମୁଖ୍ୟ ସାକ୍ଷୀର ବୟାନ

**ଫିରିଙ୍ଗିଆ,୬।୪(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ପାଙ୍ଗା ଉପରସାହି ପଞ୍ଚାୟତ ମାଲା ଗାଁର ବସ୍ୟାନନ୍ଦ ଦିଗାଲ ହତ୍ୟା ଘଟଣାରେ ମୁଖ୍ୟ ସାକ୍ଷୀର ବୟାନକୁ ନେଇ ଓ ପୁଲିସର ତଦନ୍ତ ପ୍ରକ୍ରିୟାରେ ଅସନ୍ତୋଷ ପ୍ରକାଶ କରିବା ସହ ପ୍ରକୃତ ହତ୍ୟାକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକରି ଶନିବାର ମୃତକଙ୍କ ପରିବାର ଓ ଗ୍ରାମବାସୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁସାରେ ଗତବର୍ଷ ଜୁନ ୧୨ ତାରିଖରେ ମୃତ ବସ୍ୟାନନ୍ଦ ଦିଗାଲ କୌଣସି କାମରେ ସକାଳ ୯ଟାରୁ ଘରୁ ବାହାରି ଆଉ ଫେରିନଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କଲାପରେ ମଧ୍ୟ ତାଙ୍କର କୌଣସି ଖୋଜ ଖବର ମମିଳି ନ ଥିଲା। ଦିନକ ପରେ ଯୁବକଙ୍କ ମୃତଦେହ ଫିରିଙ୍ଗିଆ ଥାନା ସାଡିଙ୍ଗିଆ ପଞ୍ଚାୟତ କିଆମୁଣ୍ଡା ଗୁଜାକଡାଉ ଗାଁ ନିକଟରେ ଥିବା ପାହାଡ଼ ଉପରେ ଏକ ଗଛରେ ଝୁଲୁଥିବା ପରିବାର ଲୋକେ ଖବର ପାଇଥିଲେ। ପରେ ମୃତ ଯୁବକଙ୍କ ବାପା ରମେଶ ଦିଗାଲ ତାଙ୍କ ପୁଅକୁ ହତ୍ୟା କରାଯାଇ ଗଛରେ ଝୁଲାଇ ଦିଆଯାଇଥିବା ନେଇ ଫିରିଙ୍ଗିଆ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଫିରିଙ୍ଗିଆ ଥାନାରେ ତତ୍କାଳୀନ ଥାନା ଅଧିକାରୀ ତପନ କୁମାର ନାହାକ ସାଇଣ୍ଟିଫିକ ଟିମ୍ ସହ ପହଞ୍ଚି ପାହାଡ଼ ଉପରୁ ଯୁବକଙ୍କ ଗଳିତ ମୃତଦେହ ଜବତ କରିବା ସହ ଏକ ହତ୍ୟା ମାମଲା ରୁଜୁକରି ଦତନ୍ତ ଆରମ୍ଭ କରିଥିଲେ। ପରେ ଏହି ଘଟଣାରେ ପୁଲିସ ମୃତ ଯୁବକଙ୍କ ପ୍ରେମିକାଙ୍କ ସହ ପ୍ରେମିକାଙ୍କ ବାପା, ଭାଇ, ଭିଣୋଇ ଓ ବାଲିଗୁଡା ଅଞ୍ଚଳର ଜଣେ ଯୁବକଙ୍କୁ ମିଶାଇ ସମୁଦାୟ ପାଞ୍ଚ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଘଟଣାକୁ ପ୍ରାୟ ୧୬ ମାସ ବିତିଯାଇଥିବା ବେଳ କିଛିଦିନ ତଳେ ଗିରଫ ହୋଇଥିବା ଅଭିଯୁକ୍ତ ଜାମିନ ପାଇ ବାହାରେ ବୁଲୁଥିବା ବେଳେ ପୁଲିସ ଦଦନ୍ତ ପ୍ରକ୍ରିୟା ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ପରିବାର ଲୋକେ। ଅଭିଯୁକ୍ତଙ୍କ ପକ୍ଷରୁ ଗୁଜାକଡାଉ ଗାଁର କୈଳାସ କହଁର ନାମକ ଜଣେ ବ୍ୟକ୍ତି ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଦେଇଥିବା ବୟାନ ଏବେ ଘଟଣାର ମୋଡ଼ ବଦଳାଇ ଦେଇଛି। ମୃତକଙ୍କ ବାପା ରମେଶ ଦିଗାଲଙ୍କ କହିବା ଅନୁସାରେ କିଛିଦିନ ତଳେ ଅଦାଲତରେ ଏହି ଘଟଣାର ସାକ୍ଷ୍ୟ ଗ୍ରହଣ କରାଯାଉଥିଲା। ଅଭିଯୁକ୍ତଙ୍କ ପାଖରୁ ସାକ୍ଷ୍ୟ ଦେଇଥିବା ବ୍ୟକ୍ତି ଜଣକ ଅଦାଲତଙ୍କ ସମ୍ମୁଖରେ ବସ୍ୟାନନ୍ଦକୁ କୁଆଡେ ମାଓବାଦୀ ମାରିଥିବା ବୟାନ ଦେଇଥିଲେ। ଏହି ବୟାନ ଘଟଣାର ମୋଡ଼ ବଦଳାଇ ଦେଇଥିଲା। ଯୁବକଙ୍କ ବୟାନ ପରେ ପରିବାର ଲୋକେ ନ୍ୟାୟ ପାଇବା ଆଶା ବର୍ତ୍ତମାନ ମଉଳି ଯାଇଥିବା ବେଳେ ବୟାନ ଦେଇଥିବା ବ୍ୟକ୍ତି ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟପଟେ ଯଦି ବସ୍ୟାନନ୍ଦଙ୍କୁ ମାଓବାଦୀ ହତ୍ୟା କରିଥିଲେ ତାହେଲେ କୋର୍ଟରେ ବୟାନ ଦେଇଥିବା ବ୍ୟକ୍ତି ଜଣକ ଜାଣିଲେ କେମିତି କିମ୍ବା ଯଦି ସେ ତାଙ୍କ ପୁଅକୁ ମାଓବାଦୀ ମାରିଛନ୍ତି କହି ବୟାନ ଦେଲେ ତାହେଲେ ମାଓବାଦୀଙ୍କ ସହ ତାଙ୍କର ସମ୍ପର୍କ ରହିଛି କି ବୋଲି ମୃତକଙ୍କ ପରିବାର ପକ୍ଷରୁ କୁହାଯାଇଛି। କୋର୍ଟରେ ମିଛ ବୟାନ ଦେଇ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିବାରେ ଚେଷ୍ଟା କରୁଥିବା ବ୍ୟକ୍ତିଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଦାବି କରିଛନ୍ତି ପରିବାର ଲୋକେ। ଅନ୍ୟପଟେ ଏହି ହତ୍ୟାଘଟଣାର ମୁଖ୍ୟ ଅଭିଯୁକ୍ତଙ୍କ ସହ କିଏ କିଏ ସାମିଲ ଅଛନ୍ତି ତାହାକୁ ନେଇ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ମୃତକଙ୍କ ପରିବାର ଲୋକେ। ଏ ସମ୍ପର୍କରେ ସ୍ଥାନୀୟ ପୁଲିସକୁ ଭରସା ନ କରି ଏସ୍‌ପିଙ୍କ ପାଖରେ ଲିଖିତ ଅଭିଯୋଗ କରିଛନ୍ତି ପରିବାର ଓ ଗାଁ ଲୋକେ।




# ବିପଦସଙ୍କୁଳ ଅବସ୍ଥାରେ କେନାଲ ପୋଲ

### ଅଭିଯୋଗ ପରେ ବି ହେଉନି ମରାମତି



**ପାରଳାଖେମୁଣ୍ଡି,୬।୪(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ବଡ଼କତୁରୁ ପଞ୍ଚାୟତ ଅନ୍ତର୍ଗତ କୃଷ୍ଣସାଗର କେନାଲ ଉପରେ ନିର୍ମିତ ବ୍ରିଜ୍ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହି ବ୍ରିଜ ରଜାରାଜୁଡା ଶାସନ ଅମଳରେ ନିର୍ମାଣ ହୋଇଥିବା ଜଣାପଡିଛି। ବର୍ତ୍ତମାନ ବିପଦସଙ୍କୁଳ ଅବସ୍ଥାରେ ରହିଥିବା ବେଳେ କୌଣସି ଅଘଟଣକୁ ଏଡ଼ାଇ ଦିଆଯାଇ ନ ପାରେ। ଦୈନନ୍ଦିନ ଶତାଧିକ ଯାନବାହାନ ଏହି ପୋଲ ଦେଇ ଚଳାଚଳ କରୁଛି। ଏହି ରାସ୍ତା ଗୋଷାଣି ବ୍ଲକର ବଡ଼କତୁରୁ ଓ ଘରୋଣି ଓ ରାୟଗଡ଼ ବ୍ଲକର ଗଣ୍ଡାହାତୀ ପଞ୍ଚାୟତର ବିଭିନ୍ନ ଗ୍ରାମାକୁ ସଂଯୋଗ କରୁଛି। ଦୁଇ ବ୍ଲକର ପ୍ରାୟ ୧୫ରୁ ଉଦ୍ଧ୍ୱର୍ ଗ୍ରାମର ଏହି ରାସ୍ତା ଓ ପୋଲ ଦେଇ ଚଳାଚଳ କରୁଛନ୍ତି। ଗୋଷାଣି ବ୍ଲକର ବଡକତୁରୁ, ଛତ୍ରପୁର, ସାନକତୁରୁ, ଦୋନୁରୁ ଓ ଗ୍ରାମବାସୀଙ୍କ ପାଇଁ ଏହା ଲାଇଫଲାଇନ ରାସ୍ତା। ସେହିପରି ରାୟଗଡ ବ୍ଲକର ଗଣ୍ଡାହାତୀ ପଞ୍ଚାୟତ ସମେତ ବିଭିନ୍ନ ପଞ୍ଚାୟତକୁ ସଂଯୋଗୀକରଣ ରାସ୍ତା ମଧ୍ୟ। ହେଲେ ବିଭାଗୀୟ ଅଣଦେଖା ଓ ଅବହେଳା ଯୋଗୁଁ ରାସ୍ତାଘାଟ ଠାରୁ ଆରମ୍ଭ କରି ବ୍ରିଜ୍ ନିର୍ମାଣ ହୋଇପାରୁନାହିଁ। ପୁରୁଣା ଦଦରା ବ୍ରିଜଟି ପଥର ପ୍ୟାକିଂରେ ନିର୍ମିତ ହୋଇଥିବା ବେଳେ ବ୍ରିଜ୍ ଛାତର ତଳ ଅଂଶ ପଲସ୍ତରା ଖସି ଲୁହା ଛଡ଼ ଦେଖାଯାଉଛି। ପଥରକୁ ସଂଯୋଗୀକରଣ କରୁଥିବା ସିମେଣ୍ଟ ଛାଡିଯାଇଛି। ଏହି ରାସ୍ତା ଦେଇ ଦୈନନ୍ଦିନ ବସ୍ ଚଳାଚଳ ମଧ୍ୟ କରୁଛି। ବସ୍ ବୁଲାଣିଆ ରାସ୍ତା ସାଙ୍ଗକୁ ବିପଦଭରା ପୋଲ ଦେଇ ବହୁ କଷ୍ଟରେ ଯାତାୟାତ କରୁଥିବା ଦେଖାଯାଉଛି। ସେହିପରି ବୁଲାଣିଆ ରାସ୍ତାର ପାଶ୍ୱର୍ରେ ଗାର୍ଡୱାଲ ନାହିଁ। ମାଟି ପକାଯାଉଛି; କିନ୍ତୁ ମାଟି ଖସି ବିଲରେ ପଡୁଛି। ବ୍ରିଜର ତଳ ଭାଗ ଦେଇ ଯାଇଥିବା କେନାଲା ବର୍ତ୍ତମାନ ନିର୍ମାଣ ଚାଲୁ ରହିଛି। ଏହି କେନାଲ ନେଇ ପାଣି କୃଷ୍ଣସାଗରରୁ ଆସି ବିଭିନ୍ନ ଅଞ୍ଚଳକୁ ଜଳସେଚିତ କରୁଛି। ବର୍ଷା ଦିନେ ଭଙ୍ଗାଦଦରା ବ୍ରିଜ୍ ତଳେ ଅଧିକ ମାତ୍ରାରେ ପାଣି ନିଷ୍କାସିତ ହେଉଛି। ବର୍ତ୍ତମାନ ଖରା ଦିନ ହୋଇଥିବା ଯୋଗୁଁ ପାଣି ନାହିଁ। ବର୍ଷା ଦିନେ ଅଧିକ ମାତ୍ରାରେ ପାଣି ପ୍ରବାହିତ ହେଲେ ଏହା ଭାଙ୍ଗିରୁଜି ଯିବାର ଆଶଙ୍କା ସୃଷ୍ଟି ହୋଇଛି।

ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାରେ ମରାମତି କାମ ଲାଗି ପିଚୁ ପକାଇ ରାସ୍ତା ନିର୍ମାଣ କରିଛି। ହେଲେ ଅଣଓସାରିଆ ରାସ୍ତା ସାଙ୍ଗକୁ ବିପଦସଙ୍କୁଳ ବ୍ରିଜ୍ ଓ ବୁଲାଣିଆ ସ୍ଥାନରେ କୌଣସି ବ୍ୟବସ୍ଥା କରୁ ନ ଥିବା ଅଭିଯୋଗ ହେଉଛି। ଏନେଇ ଅଞ୍ଚଳବାସୀ ବାରମ୍ବାର ସ୍ଥାନୀୟ ପ୍ରଶାସନକୁ ଜଣାଇଛନ୍ତି। ଏପରିକି ବସ୍ ଗଡ଼ିବା ଆରମ୍ଭ ସମୟରେ ବିଭିନ୍ନ ବିଭାଗର ଯନ୍ତ୍ରୀ ଏହି ରାସ୍ତାର ବାରମ୍ବାର ତଦାରଖ ମଧ୍ୟ କରିଥିଲେ। ହେଲେ ଏପରି ବିପଦଭରା ସ୍ଥାନକୁ କିପରି ଚିହ୍ନଟ କରିପାରିଲେ ନାହିଁ ଏବଂ କିପରି ଅଣଦେଖା କରି ଛାଡ଼ିଦେଲେ ତାହାକୁ ନେଇ ନାନାଦି ପ୍ରଶ୍ନ ହେଉଛି। ସମସ୍ୟା ସମ୍ପର୍କରେ ଥରେ ଦି ଥର ଲୋକେ ରାସ୍ତା ଅବରୋଧ କରି ଆନ୍ଦୋଳନ ମଧ୍ୟ କରିଥିବାର ନଜିର ରହିଛି। ହେଲେ ପ୍ରଶାସନ କି ବିଭାଗୀୟ କର୍ତ୍ତୃପକ୍ଷ ଏ ନେଇ କୌଣସି ପଦକ୍ଷେପ ନେଇ ନ ଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

# 'ମାତୃଭାଷାକୁ ସମ୍ମାନ ଦେବା ଅତ୍ୟନ୍ତ ଜରୁରୀ'




**ପାରଳାଖେମୁଣ୍ଡି,୬।୪(ସମିସ):** ପାରଳାଖେମୁଣ୍ଡି ସ୍ଥାନୀୟ ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ ୮୯ତମ ଓଡ଼ିଶା ଦିବସ ପାଳନ ଅବସରରେ ମାତୃଭାଷାକୁ ସମ୍ମାନ ଦେବା ଅତ୍ୟନ୍ତ ଜରୁରୀ ବୋଲି କୁହାଯାଇଛି। ଉତ୍କଳ ହିତୈଷିଣୀ ସମାଜ ଓ ସ୍ୱାମୀ ବିବେକାନନ୍ଦ ଲୋକସଂସଦ ମିଳିତ ସହଯୋଗରେ ଅନୁଷ୍ଠିତ ସଭାରେ ଭାରତଭୂଷଣ ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ସରୋଜ କୁମାର ପଣ୍ଡା, ସମ୍ମାନିତ ବକ୍ତା ବିଚିତ୍ରାନନ୍ଦ ବେବର୍ତ୍ତା ଓ ବିନୋଦ ଚନ୍ଦ୍ର ଜେନା ଯୋଗ ଦେଇଥିଲେ। ଭାଗବତ ପାଢ଼ୀ ଆଜିର ଓଡ଼ିଆ ଭାଷାର ସ୍ଥିତି ଓ ଭବିଷ୍ୟତର ଗତି ସମ୍ପର୍କରେ କହିଥିଲେ। ମଧୁବାବୁ, ଫକୀର ମୋହନ ସେନାପତି, ରାଧାନାଥ ରାୟ, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ନବ ଓଡ଼ିଶା ଗଠନ ଏବଂ ଓଡ଼ିଆ ଭାଷାର ସୁରକ୍ଷା ଦେବା ପାଇଁ ଯେଉଁ ସଂଗ୍ରାମ କରିଥିଲେ ତାହା ଅବିସ୍ମରଣୀୟ ହୋଇ ରହିବ ବୋଲି କୁହାଯାଇଥିଲା। ମନୋଜ କୁମାର ପଟ୍ଟନାୟକ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଅଧାପକ ଆର୍ତ୍ତତ୍ରାଣ ଚଇନି ଅତିଥି ପରିଚୟ ପ୍ରଦାନ କରିଥିଲେ। ଶୁଭ୍ରାଂଶୁଶେଖର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶରତ ଚନ୍ଦ୍ର ସାହୁ, ମୁରଲୀଧର ପରିଚ୍ଛା, ବିଷ୍ଣୁ ପ୍ରସାଦ ପଣ୍ଡା, ତ୍ରିପତି ପ୍ରସାଦ ପଣ୍ଡା ଓ ପଣ୍ଡିତ ନରସିଂହ ଗୌଡ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଘରେ ପଶି ଯୁବକଙ୍କୁ ହତ୍ୟା

**ପୁରୁଷୋତ୍ତମପୁର, ୬।୪(ସମିସ)**

ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ପାଣ୍ଡିଆ ଗ୍ରାମରେ ଶୁକ୍ରବାର ରାତିରେ ଘରେ ପଶି ଶୋଇଥିବା ଅବସ୍ଥାରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ, ପାଣ୍ଡିଆ ଗ୍ରାମ ପନ୍ଦରା ସାହିର ମୁନା ଓରଫ ମୁରଲୀ ବାଡ଼ତ୍ୟା (୨୭)। ରାତିରେ ମୁରଲୀ ଏବଂ ତାଙ୍କ ବାପା ବାବୁଲା ବାଡ଼ତ୍ୟା ସବୁଦିନ ଭଳି ଖାଇସାରି ଶୋଇଥିଲେ। ଗରମ ହେବାରୁ ବାବୁଲା ଘର ବାରଣ୍ଡାରେ ଶୋଇଥିବା ବେଳେ ମୁରଲୀ କବାଟ ଖୋଲାରଖି ଶୋଇଥିଲେ। ଏହି ସମୟରେ କୌଣସି ଦୁର୍ବୃତ୍ତ ଘରେ ପଶି ମୁରଲୀଙ୍କ ମୁଣ୍ଡକୁ ହାଣି ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ବିଳମ୍ବିତ ରାତିରେ ବାବୁଲାଙ୍କ ନିଦ ଭାଙ୍ଗିବା ପରେ ସେ ପାଣି ପିଇବା ଲାଗି ଘର ଭିତରକୁ ଯିବାବେଳେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପୁଅ ପଡ଼ିଥିବା ଦେଖି ସାହିପଡ଼ିଶା ଲୋକଙ୍କୁ ଡାକିଥିଲେ। ପରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ହିଞ୍ଜିଳି ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୁରୁଷୋତ୍ତମପୁର ଏସ୍‌ଡିପିଓ ରଜନୀକାନ୍ତ ସାମଲ, ଆଇଆଇସି ବିପିନ ବିହାରୀ ହୋତା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ।

ଅନ୍ୟପକ୍ଷେ ପୁରୁଷୋତ୍ତମପୁର ପୁଲିସ ହିଞ୍ଜିଳି ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ମୃତଦେହ ଜବତ କରିଛନ୍ତି। ମୃତକଙ୍କ ବାପା ବାବୁଲା ଥାନାରେ ଅଭିଯୋଗ ପରେ ପୁଲିସ୍ ୨୫୦/୨୪ରେ ମାମଲା ରୁଜୁ କରି ତଦନ୍ତ କରିଛନ୍ତି। ପୁଲିସ ଶବକୁ ବ୍ରହ୍ମପୁରଠାରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଏସ୍‌ଡିପିଓ ରଜନୀକାନ୍ତ ସାମଲ କହିଛନ୍ତି। ମୁରଲୀଙ୍କୁ କିଏ ଓ କାହିଁକି ହତ୍ୟା କଲା ତାହା ଗ୍ରାମରେ ଚର୍ଚ୍ଚାର ବିଷୟ ପାଲଟିଛି। ଗୁରୁବାର ପାଣ୍ଡିଆ ଗ୍ରାମରେ ଦଣ୍ଡନାଚ ହେଉଥିଲା। ପୁରୁଷୋତ୍ତମପୁରର କିଛି ଯୁବକ ନାଚ ଦେଖିବାକୁ ଯାଇ ସେଠାରେ ବିଶୃଙ୍ଖଳା କରିଥିଲେ। ଫଳରେ ଏହାକୁ ବାରଣ କରିବାକୁ ନେଇ ପାଣ୍ଡିଆ ଗ୍ରାମର କିଛି ଲୋକଙ୍କ ସହ ପୁରୁଷୋତ୍ତମପୁରର କେତେକ ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପ୍ରତିଶୋଧ ପରାୟଣ ହୋଇ ପୁରୁଷୋତ୍ତମପୁରର ଯୁବକମାନେ ଏଭଳି କାଣ୍ଡ ଘଟାଇଥାଇ ପାରନ୍ତି ବୋଲି ଗ୍ରାମବାସୀ ସନ୍ଦେହ କରୁଛନ୍ତି। ତେବେ ତଦନ୍ତ ପରେ ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

# ଛେଳି ଛୁଆକୁ ତଣ୍ଟି ଚିପି ହତ୍ୟା ଅଭିଯୋଗ



**ଖଲ୍ଲିକୋଟ, ୬।୪(ସମିସ):** ଛେଳି ଛୁଆକୁ ତଣ୍ଟି ଚିପି ହତ୍ୟା ଅଭିଯୋଗ। ଦିଅର ହତ୍ୟା କରିଥିବା ନେଇ ଭାଉଜ ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଷ୍ଟମୋର୍ଟମକୁ ଗଲା ଛେଳିର ମୃତଦେହ। ଏମିତି ଏକ ଘଟଣା ଖଲ୍ଲିକୋଟ ଥାନା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଘଟଣାଟି କୌତୁହଳ ଲାଗୁଥିଲେ ବି ସତ। ଖଲ୍ଲିକୋଟ ଥାନା ଅନ୍ତର୍ଗତ ବାକୁଟୁ ଗାଁର ସଜନୀ ପ୍ରଧାନ କିଛି ଦିନ ହେଲା ଛେଳି ପାଳନ କରୁଥିଲେ। ତେବେ ଶୁକ୍ରବାର ଅପରାହ୍ନ ସମୟରେ ଛେଳିଟି ଘରଠୁ କିଛି ଦୂର ରାସ୍ତାରେ ମରି ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହା ଦେଖିବା ପରେ ଛେଳିକୁ କେହି ମାରିଦେଇଥିବା ଗାଁ ଲୋକେ କୁହାକୁହି ହେଉଥିବା ସଜନୀ ଶୁଣିବାକୁ ପାଇଲେ। ସଜନୀ ଓ ତାଙ୍କ ଦିଅରଙ୍କ ପରିବାର ମଧ୍ୟରେ ଦୀର୍ଘ ବର୍ଷ ହେଲା ପାରିବାରିକ କଳହକୁ ନେଇ ତିକ୍ତତା ଲାଗି ରହିଛି। ତେଣୁ ଦିଅର ଛେଳି ଛୁଆକୁ ତଣ୍ଟି ଚିପି ହତ୍ୟା କରିଥିବା ସନ୍ଦେହ କରି ଭାଉଜ ସଜନୀ ଭେଜିପୁଟ ଫାଣ୍ଡିରେ ଏତଲା ଦେଇଥିଲେ। ଭେଜିପୁଟ ଫାଣ୍ଡିରେ ସଜନୀଙ୍କ ଅଭିଯୋଗ ପରେ ଏହାକୁ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର ଗୁରୁତ୍ୱର ଭାବେ ନେଇ ଥାନା କେସ ନଂ ୨୮୩/୨୦୨୪ରେ ଏକ ମାମଲା ରୁଜୁ କରି ଛେଳିର ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଖଲ୍ଲିକୋଟ ପ୍ରାଣୀ ଚିକିତ୍ସାଳୟକୁ ପଠାଇଛନ୍ତି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଛେଳି ମୃତ୍ୟୁର ପର୍ଦ୍ଦାଫାସ ହେବ ବୋଲି ଫାଣ୍ଡି ଅଧିକାରୀ କହିଛନ୍ତି।

● ମହାବାରୁଣୀ ବୁଡ଼

# ପିଣ୍ଡଦାନ ଓ ଅସ୍ଥି ବିସର୍ଜନ କଲେ ଶ୍ରଦ୍ଧାଳୁ



**ଆସିକା, ୬।୪(ସମିସ):** ଗଞ୍ଜାମ ଜିଲ୍ଲା ଆସିକାଠାରେ ଋଷିକୁଲ୍ୟା ଓ ବଡ଼ ନଦୀର ପବିତ୍ର ସଙ୍ଗମସ୍ଥଳର ଉତ୍ତର ବାଙ୍କରେ ମହାବାରୁଣୀ ବୁଡ଼ ଅନୁଷ୍ଠିତ ହୋଇଯାଇଛି। ଏହି ବୁଡ଼ ସ୍ଥଳରେ ପିତୃପୁରୁଷଙ୍କ ଅସ୍ଥି ବିସର୍ଜନ, ପିଣ୍ଡ ଦାନ କଲେ ଆତ୍ମା ସଦ୍‌ଗତି ଲାଭ କରିଥାଏ ବୋଲି କାହିଁ କେଉଁ ଆବାହନ କାଳରୁ ବିଶ୍ୱାସ ରହି ଆସିଛି। ଚଳିତ ବର୍ଷ ଏହି ବୁଡ଼ ଶନିବାର ଦିନ ପଡ଼ିଥିବାରୁ ଏହା ଅଧିକ ଗୁରୁତ୍ୱ ହୋଇଥିଲା। ତେଣୁ ହଜାର ହଜାର ଭକ୍ତଙ୍କ ସୁଅ ଛୁଟିଥିଲା ବୁଡ଼ ତୋଟା ସଙ୍ଗମ ବୁଡ଼ ସ୍ଥଳକୁ। ଲୋକେ ଆସି ନିଜ ପିତୃପୁରୁଷଙ୍କୁ ପିଣ୍ଡଦାନ କରିବା ସହ ଅସ୍ଥି ବିସର୍ଜନ କରିଛନ୍ତି। ଆସିକାର ଉଭୟ ପାର୍ଶ୍ୱରେ ପ୍ରବାହିତ ହେଉଛି ଋଷିକୂଲ୍ୟା ଏବଂ ବଡ଼ନଦୀ। ଉଭୟ ନଦୀର ଉତ୍ତର ବାଙ୍କରେ ସଙ୍ଗମ ସ୍ଥଳ। ସେଠି ବାରୁଣୀ ବୁଡ଼ ପଡ଼ିଲେ କାହିଁ କେତେ ଦୂରରୁ ଲୋକେ ଧାଇଁ ଆସନ୍ତି ବୁଡ଼ ପକାଇବାକୁ। କେବଳ ଏହି ବାରୁଣୀ ସ୍ନାନ କଲେ ଅନେକ ପୁଣ୍ୟ ମିଳିଥାଏ। ତେଣୁ ଏହି ତିଥିରେ ଲକ୍ଷାଧିକ ଲୋକଙ୍କ ସମାଗମ ହୁଏ।

# ଶିକ୍ଷାବିତ୍ ବୃନ୍ଦାବନଙ୍କ ସ୍ମୃତିସଭା



**ଗଞ୍ଜାମ, ୬।୪(ସମିସ):** ଗଞ୍ଜାମ ସହରର ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତ ବୃନ୍ଦାବନ ପାଣିଗ୍ରାହୀଙ୍କ ଦ୍ୱାଦଶ ଦିବସରରେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସ୍ଥାନୀୟ ବିଧାୟକ ସୁବାସ ଚନ୍ଦ୍ର ବେହେରା, ଗଞ୍ଜାମ ବ୍ଲକର ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ, ପୌରାଞ୍ଚଳ ବରିଷ୍ଠ ନାଗରିକ ପରିଷଦ, ଗଞ୍ଜାମ ପ୍ରେସ କ୍ଲବ, ମିଡିଆ ହାଉସ, ଛତ୍ରପୁର ପ୍ରେସ କ୍ଲବର କର୍ମକର୍ତ୍ତା, ସଦସ୍ୟଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗଦେଇ ସ୍ୱର୍ଗତ ପାଣିଗ୍ରାହୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ।

# ସାଧନ କେନ୍ଦ୍ର ସଂଯୋଜକଙ୍କୁ ସମ୍ବର୍ଦ୍ଧନା



**ହୁମ୍ମା, ୬।୪(ସମିସ):** କ୍ଲଷ୍ଟରସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବ କଳାଯମୁନା ପ୍ରାଥମିକ ବିଦ୍ୟାଳୟରେ ଶନିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମହେଶ୍ୱର ବେହେରା, ପ୍ରଧାନ ଶିକ୍ଷକ ବୀରଭଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟ, ହୁମ୍ମା ସଭାପତି ରୂପେ ଆସନ ଗ୍ରହଣ କରିବା ସହ ପ୍ରଫୁଲ୍ଲ କୁମାର ମନ୍ତ୍ରୀ (ପ୍ରଧାନ ଶିକ୍ଷକ, ଲୁଂଘୁରି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ), ପ୍ରକାଶ ଚନ୍ଦ୍ର ପ୍ରଧାନ, ପ୍ରଧାନ ଶିକ୍ଷକ, ରାଧାକୃଷ୍ଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବୋରିଗାଁ), ପ୍ରଶାନ୍ତ କୁମାର ବେହେରା, ପ୍ରଧାନ ଶିକ୍ଷକ, ଝାଡାକୁଦା ପ୍ରାଥମିକ ବିଦ୍ୟାଳୟ, ଦାମୋଦର ପଣ୍ଡା ମଞ୍ଚାସୀନ ଥିଲେ। ପୂର୍ବତନ ସାଧନ କେନ୍ଦ୍ର ସଂଯୋଜକ ଦାମୋଦର ପଣ୍ଡାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରକାଶ ଚନ୍ଦ୍ର ପ୍ରଧାନ ସଂଯୋଜନା କରିଥିଲେ। ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ବୈଶାଖୀ ଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପନ



**ଆସିକା, ୬।୪(ସମିସ):** ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆସିକା ଅଧିଷ୍ଠାତ୍ରି ଦେବି ମା' ଖମ୍ବେଶ୍ୱରୀଙ୍କ ବୈଶାଖୀ ଯାତ୍ରା ପାଇଁ ଶୁଭ ଖୁଣ୍ଟି ସ୍ଥାପନ ରୀତିନୀତି ସହ ଅନୁଷ୍ଠିତ ହୋଇଯାଇଛି। ଚୈତ୍ର ପୂର୍ଣ୍ଣମାଠାରୁ ମା' ନଗର ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଥିବା ମନ୍ଦିର ପରିଚାଳନା କମିଟି ପକ୍ଷରୁ ସ୍ଥିର ହୋଇଛି। ଶୁଭଖୁଣ୍ଟି ସ୍ଥାପନ ବେଳେ ମା'ଙ୍କ ପୀଠ ପରିସରରେ ଢୋଲ, ବାଦ୍ୟ ସାଙ୍ଗକୁ ଘଣ୍ଟ ମୃଦୁଙ୍ଗର ତାଳେ ତାଳେ କମ୍ପି ଉଠୁଥିଲା ସାରା ପରିବେଶ। ବରିଷ୍ଠ ପୂଜକ ମନୋଜ ମୁନି ପୂଜାର୍ଚ୍ଚନା କରିବା ପରେ ଶୁଭଖୁଣ୍ଟି ସ୍ଥାପନ ହୋଇଥିଲା। ଏହି ଅବସରରେ ଯାତ୍ରା କମିଟି ସଭାପତି ନିମେଇଁ ଚରଣ ପାଣିଗ୍ରାହୀ ଉପସ୍ଥିତ ଥିବା ବେଳେ ସମସ୍ତ ସଦସ୍ୟ ଓ ମନ୍ଦିର ପୂଜକଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ମହାବାରୁଣୀ ସ୍ନାନରେ ପିତୃପୁରୁଷଙ୍କୁ ପିଣ୍ଡଦାନ



**ପୁରୁଷୋତ୍ତମପୁର, ୬।୪(ସମିସ):** ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ପ୍ରତାପୁର ଗ୍ରାମ ନିକଟ ଋଷିକୁଲ୍ୟା ନଦୀରେ ଶନିବାର ମହାବାରୁଣୀ ସ୍ନାନ ଲାଗି ଦୁଇ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ପବିତ୍ର ଋଷିକୂଲ୍ୟା ନଦୀ ଏଠାରେ ଉତ୍ତର ବାଙ୍କ ଦେଇ ପ୍ରବାହିତ ହେଉଥିବା ହେତୁ ଏଠାରେ ମହାବାରୁଣୀ ସ୍ନାନ ହେଉଅଛି। ଲୋକେ ପିତୃପୁରୁଷଙ୍କୁ ପିଣ୍ଡଦାନ କରିବା ସହ ଅସ୍ଥି ବିସର୍ଜନ କରିଥିଲେ। ଏଠାରେ ବୁଡ଼ ପକାଇଲେ ମୃତ ବ୍ୟକ୍ତିଙ୍କୁ ସ୍ୱର୍ଗପ୍ରାପ୍ତି ହୁଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ଏଣୁ ଏଠାରେ ବାରୁଣୀ ସ୍ନାନ କରି ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ କରି ବୁଡ଼ ଦେଉଛନ୍ତି। ପରମ୍ପରା ଅନୁସାରେ ବାବା ତୁମ୍ବେଶ୍ୱର, ଜଗନ୍ନାଥ, ରଘୁନାଥ, ଲକ୍ଷ୍ମୀ ନାରାୟଣ ଓ ମା' ତାରାତାରିଣୀଙ୍କୁ ବୁଡ଼ ଘାଟକୁ ଅଣାଯାଇ ପୂଜାର୍ଚ୍ଚନା ସହ ମେଳଣ କରାଇବା ପରେ ଭୋରରୁ ବୁଡ଼ ପକାଇବା ଆରମ୍ଭ ହୋଇଥିଲା। ସେହିପରି ପାଣ୍ଡିଆ, ଜାମୁନି ଗ୍ରାମ ଋଷିକୁଲ୍ୟା ନଦୀ ଘାଟରେ ମଧ୍ୟ ବାରୁଣୀ ବୁଡ଼ ପକାଯାଇଛି। ପୁରୁଷୋତ୍ତମପୁର ଏସ୍‌ଡିପିଓ ରଜନୀକାନ୍ତ ସାମଲ ଓ ଆଇଆଇସି ବିପିନି ବିହାରୀ ହୋତାଙ୍କ ସମେତ ପୁଲିସ ଫୋର୍ସ ମୁତୟନ ରହି ଟ୍ରାଫିକ ଓ ଆଇନ ଶୃଙ୍ଖଳାକୁ ନିୟନ୍ତ୍ରଣ କରିଥିଲେ। ମହାବାରୁଣୀରେ ଜନସମାଗମ ଥିବାରୁ ପ୍ରାୟ ୧୦ ଜଣ ମହିଳାଙ୍କ ସୁନା ଚୋରି ହୋଇଥିବା ଜଣାପଡ଼ିଛି। ଏନେଇ ପୁଲିସ ତଦନ୍ତ ଜାରି ରଖିଛି।

# ଉପେନ୍ଦ୍ର ଭଞ୍ଜ ହାଇସ୍କୁଲରେ ଭଞ୍ଜ ଜୟନ୍ତୀ

**ଭଞ୍ଜନଗର, ୬।୪(ସମିସ):** ଗତ ୧୮୮୪ ମସିହାରେ ସ୍ଥାପନ ହୋଇଥିବା ଓଡ଼ିଶାର ଅନ୍ୟତମ ପ୍ରାଚୀନ ଶିକ୍ଷାନୁଷ୍ଠାନ ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଉମାକାନ୍ତ ନାହାକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ତଥା ଭଞ୍ଜ ସାହିତ୍ୟ ବିଶାରଦ ଡକ୍ଟର କମ୍ବୁପାଣି ସାମନ୍ତ ଯୋଗ ଦେଇଥିଲେ। ଭଞ୍ଜ ସାହିତ୍ୟରେ ରହିଥିବା ସାମାଜିକ ତତ୍ତ୍ୱ ତଥା ସକରାତ୍ମକ ଚେତନାର ଅନେକ ଦୃଷ୍ଟାନ୍ତ ଦେଇ ସେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଭଞ୍ଜ ସାହିତ୍ୟ ପ୍ରତି ଅନୁରାଗ ସୃଷ୍ଟି କରିବାର ପ୍ରୟତ୍ନ କରିଥିଲେ। ବିଶିଷ୍ଟ ସାହିତ୍ୟିକ ଡକ୍ଟର ସୁରେଶ ଚନ୍ଦ୍ର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସଭା କାର୍ଯ୍ୟ ପରିଚାଳନା କରିଥିଲେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶ୍ୟାମା ପ୍ରସାଦ ମିଶ୍ର। ଅନ୍ୟତମ ଶିକ୍ଷକ ପ୍ରଶାନ୍ତ କୁମାର ପ୍ରଧାନ ଏବଂ ସହକାରୀ ଶିକ୍ଷୟିତ୍ରୀ ସସ୍ମିତା ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ବିଳାସିନୀ ଜେନା ସମସ୍ତ ପ୍ରତିଯୋଗିତାରେ ସହଯୋଗ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ସଭା ପରିଚାଳନାରେ ସହଯୋଗ କରିଥିଲେ। ସଂଯୋଜକ ଶ୍ୟାମା ପ୍ରସାଦ ମିଶ୍ର ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଶାନ୍ତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



# କାର୍ ଧକ୍କାରେ ପାଟଭୁକ୍ତା ମୃତ

**ଛତ୍ରପୁର, ୬।୪(ସମିସ):** କାର୍ ଧକ୍କାରେ ବରଦା ଦଣ୍ଡନାଚ ଦଳର ପାଟଭୁକ୍ତାଙ୍କ ମୃତ୍ୟୁ ଘଟିଛି। ମୃତ ପାଟଭୁକ୍ତା ଜଣକ ଗଞ୍ଜାମ ବ୍ଲକ ବରଦା ଗ୍ରାମର କୃଷ୍ଣ ମହାପାତ୍ର ବୋଲି ଜଣାପଡ଼ିଛି। ପୁଲିସ ସୂଚନାନୁସାରେ ଚମାଖଣ୍ଡି ଥାନା ଅଧୀନ ଜଗନ୍ନାଥପୁର ଛକ ଜାତୀୟ ରାଜପଥଠାରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ କାର୍ ଧକ୍କାରେ ପାଟଭୁକ୍ତାଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ବରଦା ଦଣ୍ଡନାଚ ପାର୍ଟି ଖୋଡାସିଙ୍ଗି ଠାରେ ନାଚ ସାରି ସମସ୍ତ ଭୁକ୍ତାଙ୍କ ସହିତ ପାଟଭୁକ୍ତା ଛତ୍ରପୁର ଅଭିମୁଖେ ଚାଲି ଚାଲି ଆସୁଥିବା ବେଳେ ପାଟଭୁକ୍ତାଙ୍କୁ ଏକ କାର୍ ଧକ୍କା ଦେଇଥିଲେ। ଫଳରେ ସେ ଗୁରୁତର ହୋଇଥିଲେ। ହାଇୱେ ପାଟ୍ରୋଲିଂ ପୁଲିସ୍ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରି ବ୍ରହ୍ମପୁର ବଡ଼ ମେଡିକାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଏକ ମାମଲା ରୁଜୁ କରି କାର୍‌କୁ ଜବତ କରିଛି।

# ବାଲି ଚୋରି ର୍‌ୟାକେଟ୍ ସକ୍ରିୟ

**ବ୍ରହ୍ମପୁର, ୬।୪(ସମିସ):** ଗଞ୍ଜାମ ଜିଲ୍ଲା ଶେରଗଡ଼ ତହସିଲ ଅଞ୍ଚଳରେ କିଛି ଦିନ ହେବ ବାଲି ମାଫିଆ ସକ୍ରିୟ ହୋଇ ଉଠିଛନ୍ତି। ହେଲେ ପ୍ରଶାସନ ଜାଣି ଚୁପ୍ ରହିବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ବର୍ତ୍ତମାନ ଲିଜ୍‌ଧାରୀଙ୍କ ସିପିଓ ଏବଂ ଇସି ଶେଷ ହୋଇଯାଇଥିବା ବେଳେ ଗତ କିଛି ଦିନ ହେବ ଶହ ଶହ ଟ୍ରିପ୍ ବାଲି ମାଫିଆମାନେ ହିଟାଚି ଏବଂ ହାଇୱା ଲଗାଇ ରାତିରେ ଲୁଟି ନେଉଛନ୍ତି। ଫଳରେ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନି ଘଟୁଛି। ମାଫିଆମାନେ ସୁଯୋଗ ନେଇ ରାତିରେ ବାଲି ଚୋରିକୁ ଆପଣେଇ ନେଇଛନ୍ତି। ବାଲି ମାଫିଆମାନେ ପ୍ରଶାସନିକ ଅଧିକାରୀଙ୍କ ଛତ୍ରଛାୟାରେ ରହି ଲୁଟ୍ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେଣୁ ତୁରନ୍ତ ବାଲି ଚୋରାଚାଲାଣ ରୋକିବା ଲାଗି ଉଚ୍ଚ ପଦସ୍ଥ ଅଧିକାରୀ ହସ୍ତକ୍ଷେପ କରିବା ଲାଗି ଦାବି ହେଉଛି।

● ଲକ୍ଷାଧିକ ଟଙ୍କାର ରାଜସ୍ୱ ହାନି

# ରକ୍ତଦାନ ଶିବିରରୁ ୨୭ ୟୁନିଟ୍ ସଂଗୃହୀତ



**ଭଞ୍ଜନଗର, ୬।୪(ସମିସ):** ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଭଞ୍ଜନଗର ଶାଖା ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟର ମୁଖ୍ୟ ଡା.ଶୀତାଂଶୁ ଶେଖର ଶତପଥୀ ଉପସ୍ଥିତ ଥିଲେ। ତତ୍ ସହିତ ସହକାରୀ ବନ ସଂରକ୍ଷକ ରଜତ କୁମାର ମିଶ୍ର, ସମାଜସେବୀ ଶୂଳପାଣି ଶତପଥୀ, ଅବସରପ୍ରାପ୍ତ କ୍ୟାପଟେନ ମହେନ୍ଦ୍ର କୁମାର ସ୍ୱାଇଁ, ମେଡିକାଲ ପରିଚାଳକ ବିଚିତ୍ର କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ। ଏହି ଶିବିରରେ ମୋଟ ୨୭ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ଭଞ୍ଜନଗର ଶାଖାର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଶୁଖିଲା ପଡ଼ିଛି ପାତାଳେଶ୍ୱରୀ ଝରଣା



**ଧରାକୋଟ, ୬।୪(ସମିସ):** ଧରାକୋଟ ଅଞ୍ଚଳର ଅନ୍ୟ ଏକ ଆକର୍ଷଣୀୟ ସ୍ଥାନ ହେଉଛି ମା' ପାତାଳେଶ୍ୱରୀ ପୀଠ। ଧରାକୋଟ ବଜାରଠାରୁ ମାତ୍ର ଏକ କିମି ଦୂରରେ ରାଜବାଟି ପଛ ପଟେ ଏହି ପୀଠ ଅବସ୍ଥିତ। ସୁଳିଆ ପାହାଡ଼ର ବକ୍ଷ ଦେଶରୁ ଆସୁଥିବା ଏକ ଚିରସ୍ରୋତା ଝରଣା ମା' ପାତାଳେଶ୍ୱରୀଙ୍କ ପାଦ ଛୁଇଁ ନିମ୍ନ ଆଡ଼କୁ ଗତିକରି ନେଳିଆ ପୋଖରୀରେ ମିଶିଛି। ଧରାକୋଟ ଗଡ଼ ରକ୍ଷାକାରୀ ମା' ପାତାଳେଶ୍ୱରୀଙ୍କ ମହିମା ଅପାର। ପ୍ରାକୃତିକ ପରିବେଶ ସାଙ୍ଗକୁ ଶୁଳିଆ ପାହାଡ଼ର ସୁଶୀତଳ ବାତାବରଣ ଯୋଗୁଁ ବର୍ଷ ସାରା ବଣଭୋଜି ପାଇଁ ଏଠାରେ ଲୋକଙ୍କର ଭିଡ଼ ଜମିଥାଏ। ବଣଭୋଜି ପାଇଁ ସମସ୍ତ ସୁବିଧା ସୁଯୋଗ ଥିବାରୁ ବହୁ ଦୂର ଦୂରାନ୍ତରୁ ଲୋକେ ଏଠାକୁ ଆସନ୍ତି। ଜଙ୍ଗଲ ମଧ୍ୟରୁ ଝରଣାଟି ବିଭିନ୍ନ ଔଷଧୀୟ ଗଛ ମୂଳ ଛୁଇଁ ଆସୁଥିବା ଯୋଗୁଁ ବିଭିନ୍ନ ଶାରୀରିକ ରୋଗ ନିରାକରଣ ପାଇଁ ଲୋକେ ମନଭରି ଝରଣାରେ ଗାଧୋଇ ଥାଆନ୍ତି। ଲୋକଙ୍କ ଗାଧୋଇବା ଓ ବଣ ଭୋଜି ପାଇଁ ଧରାକୋଟ ବ୍ଲକ ପ୍ରଶାସନ ତରଫରୁ ସ୍ୱତନ୍ତ୍ର ସ୍ଥାନ ନିର୍ମାଣ କରାଯାଇଛି। ବର୍ଷସାରା ଏଠାରେ ଭୋଗରାଗ ହେଉଥିବା ବେଳେ ପ୍ରତି ସଂକ୍ରାନ୍ତି ଦିନ ଏଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଏ। ହେଲେ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ଯୋଗୁଁ ଗତବର୍ଷ ବର୍ଷା ଅଭାବ ଯୋଗୁଁ ଚିରସ୍ରୋତା ଝରଣାଟି ବର୍ତ୍ତମାନ ଶୁଖିଲା ପଡ଼ିଛି। ଏଣୁ ଲୋକେ ଏହି ପୀଠକୁ ବଣ ଭୋଜି ପାଇଁ ଆସୁନାହାଁନ୍ତି। ଏଣୁ ପୀଠଟି ତାହାର ଆକର୍ଷଣ ହରାଇ ବସିଛି। ପାଣି ଶୁଖିଯିବା ଯୋଗୁଁ ଚାଷ କାର୍ଯ୍ୟରେ ମଧ୍ୟ ବାଧା ସୃଷ୍ଟି ହୋଇଛି। ଏଣୁ ଚଳିତ ବର୍ଷ ଯଦି ସ୍ୱାଭାବିକ ବର୍ଷା ହୁଏ ତାହେଲେ ପୁଣି ଥରେ ମା' ପାତାଳେଶ୍ୱରୀଙ୍କ ପୀଠରେ ଲୋକଙ୍କ ଭିଡ଼ ଜମିବା ସହ ସ୍ଥାନର ଗୁରୁତ୍ୱ ବୃଦ୍ଧି ପାଇବ।

## ସହରୀକରଣ ନାଁରେ ଗଛକଟା

# ଥକ୍କା ମେଣ୍ଟାଇବାକୁ ଶେରଗଡ଼ରେ ନାହିଁ ଛାଇ

**ଶେରଗଡ଼, ୬।୪(ସମିସ)**

ତାପମାତ୍ରା ବୃଦ୍ଧିରେ ସହରୀ ଜୀବନ ପ୍ରଭାବିତ ହୋଇଛି। ଅସହ୍ୟ ତାତି ପଥଚାରୀଙ୍କୁ ଅତିଷ୍ଠ କରୁଥିବାବେଳେ ଥକ୍କା ମେଣ୍ଟାଇବାକୁ ଶେରଗଡ଼ର ରାଜରାସ୍ତାରେ ଗଛ ଛାଇ ଯେମିତି ସ୍ୱପ୍ନ ପାଲଟି ଯାଇଛି। ସହରକୁ ସୁନ୍ଦର ଓ ରାସ୍ତା ପ୍ରଶସ୍ତ କରିବା ଦିଗରେ ପଦକ୍ଷେପ ନିଆଯାଉଛି। ହେଲେ ଦିନ ବେଳେ ଯେଉଁ ମାନେ ବାହାରକୁ ଯାଉଛନ୍ତି ଖରାରୁ ମୁକ୍ତି ପାଇବାକୁ ଛାଇଟିକେ ପାଉନାହାନ୍ତି। ପୂର୍ବରୁ ରାସ୍ତାରେ ଯିବା ସମୟରେ ଯେଉଁ ସୁଲୁସୁଲିଆ ପବନ ବହୁଥିଲା ତାହା ଏବେ କମିଗଲାଣି। ଝାଞ୍ଜି ପବନରେ ଲୋକେ ଏବେ ଅତିଷ୍ଠ ହୋଇ ପଡ଼ିଲେଣି। ଆଗରୁ କେବଳ ଖୋଲା ଥଣ୍ଡା ପବନ ପ୍ରବାହିତ ହେଉଥିଲା। ମାତ୍ର ବର୍ତ୍ତମାନ ସମୟ ବଦଳି ଯାଇଛି। ଯେଉଁ ଆଡ଼େ ଆଖି ପକାଇବେ କେବଳ ଆଉ କେବଳ କଙ୍କ୍ରିଟ ଜଙ୍ଗଲ। ଏହା ତାତି ବଢ଼ିବାର ପ୍ରମୁଖ କାରଣ। ବିରାଟ ବିରାଟ ଅଟ୍ଟାଳିକା ନିର୍ମାଣ ଫଳରେ ଭୂତଳ ଜଳସ୍ତର ହ୍ରାସ ପାଇବା ସାଙ୍ଗକୁ ରାସ୍ତା ଘାଟ ନିର୍ମାଣ ଆଳରେ ବୃକ୍ଷ କଟାଯାଉଛି। ତେଣୁ ଖରାର ପ୍ରକୋପ ଦିନକୁ ଦିନ ବୃଦ୍ଧି ପାଉଛି। ଫଳରେ ଥଣ୍ଡା ପବନ ବଦଳରେ ଝାଞ୍ଜି ପବନ ବହୁଛି।

ସୂଚନାନୁସାରେ ଚଳିତ ବର୍ଷ ଫେବୃଆରୀ ମାସରୁ ଗ୍ରୀଷ୍ମ ଅନୁଭୂତ ହେଲାଣି। ବର୍ତ୍ତମାନ ଜିଲ୍ଲାରେ ପାରଦ ୪୦ ଡିଗ୍ରୀ ଛୁଇଁଲାଣି। ଆଗକୁ ଏହି ତାପମାତ୍ରା ଯଥେଷ୍ଟ ବୃଦ୍ଧି ପାଇବ ବୋଲି ବିଶେଷଜ୍ଞମାନେ ଆକଳନ କଲେଣି। ଏଭଳି ସ୍ଥିତିରେ ରାସ୍ତା ଓସାରିଆ କରିବା ଲାଗି ବଳି ପଡୁଥିବା ଶହ ଶହ ବୃକ୍ଷ ଆଗକୁ ସମାଜ ଲାଗି ବିପଦକୁ ଡାକି ଆଣିବ ବୋଲି ଆଶଙ୍କା କରାଯାଉଛି। ଦୀର୍ଘ ବର୍ଷ ପୂର୍ବରୁ ଶେରଗଡ଼ ସହରରେ ବଡ଼ ବଡ଼ ବୃକ୍ଷ ସବୁ ରହିଥିଲା। ଏହା ସବୁଜ ପରିବେଶ ସାଙ୍ଗକୁ ଖରାଦିନେ ସହରବାସୀଙ୍କୁ ତାତିରୁ ରକ୍ଷା କରୁଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ବିଶାଳ ବର, ଅଶ୍ୱତଥ, ନିମ୍ବ, କୃଷ୍ଣଚୁଡା, କରଞ୍ଜ ଆଦି ଗଛ ଭରି ରହିଥିଲା। ଲୋକେ ଖରାଦିନେ ରାସ୍ତାରେ ଯିବା ସମୟରେ ଛାଇ ଦେଖିଲେ ଘଡ଼ିଏ ଅଟକି ଯାଇ ନିଜର ଥକ୍କା ମେଣ୍ଟାଉଥିଲେ। କିନ୍ତୁ ଶେରଗଡ଼ ସହରରେ ପରିଣତ ହେବା ପରଠାରୁ ପ୍ରାୟତଃ ସେହି ଗଛଗୁଡ଼ିକୁ ଆଉ ଦେଖିବାକୁ ମିଳୁନାହିଁ। ରାସ୍ତା ସଂପ୍ରସାରଣ କାରଣରୁ ବିଶାଳ ଗଛଗୁଡ଼ିକ ବଳି ପଡ଼ିଯାଉଛି। ପରିବେଶବିତ୍‌ଙ୍କ ମତରେ ସହରରୁ ପୁରୁଣା ଗଛ କାଟି ବଡ଼ ବଡ଼ କୋଠା ଗଢ଼ି ଉଠିଛି। ଏଥିଲାଗି ତାପମାତ୍ରା ବୃଦ୍ଧି ପାଉଛି। ଯେଉଁ ପରିମାଣରେ ଗଛ କଟାଯାଉଛି ଯଦି ସେହି ପରିମାଣର ଚାରା ରୋପଣ କରାଯାଆନ୍ତା ତେବେ ଖରାର ପ୍ରକୋପ ଏତେ ବଢ଼ନ୍ତା ନାହିଁ। ରାସ୍ତାଗୁଡ଼ିକରେ ଯେଉଁ ଗଛଗୁଡ଼ିକ ଲଗାଯାଉଛି ତାହା ସୌନ୍ଦର୍ଯ୍ୟ ବୃଦ୍ଧି କରୁଛି ସତ; ମାତ୍ର ଖରାର ପ୍ରକୋପରୁ ପଥଚାରୀଙ୍କୁ ସୁରକ୍ଷା ଦେଇପାରୁନାହିଁ। ତେଣୁ ବୃକ୍ଷ ଲଗାଇବା ଜରୁରୀ ହୋଇପଡ଼ିଛି।

